HAPPY CHILDREN'S DAY

UTI Mutual Fund
Haq, ek behtar zindagi ka.

10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ନିଜ ପିଲାଙ୍କୁ ଆଇଭି ଲିଗ୍ ଶିକ୍ଷା ଦିଅନ୍ତୁ ମାସିକ ₹୮,୬୦୦ ରେ

ନିଜ ପିଲାଙ୍କୁ ଆଇଭି ଲିଗ୍ ଶିକ୍ଷା ଯୋଗାଇବା ଆଜିକାଲିର ପିତାମାତାଙ୍କ ପାଇଁ ଏକ ଗୋଲ୍ଡ ଷ୍ଟାଣ୍ଡାର୍ଡରେ ପରିଣତ ହୋଇଛି। ଅନ୍ତର୍ଜାତୀୟ ସ୍କୁଲରେ ପାଠ ପଢ଼ିବା ବ୍ୟତୀତ ନିଜ ପିଲାଙ୍କୁ ଜଣେ ଗୁଣମାନସମ୍ପନ୍ନ ବୃତ୍ତିଧାରୀ ହେବାରେ ସହାୟତା ଯୋଗାନ୍ତୁ । ଅନେକ ଏହାକୁ ପ୍ରାଧାନ୍ୟ ଦେଇଥାନ୍ତି, ହାର୍ଭାର୍ଡ କିମ୍ବା ପ୍ରିନ୍ସେଟନ୍ ଭଳି ଶ୍ରେଷ୍ଠ କଲେଜଗୁଡ଼ିକରେ ଅଣ୍ଡରଗ୍ରାଜୁଏଶନ୍ ଡିଗ୍ରୀ ପାଇଁ ଲକ୍ଷ ଲକ୍ଷ (ଏପରିକି କୋଟି) ଟଙ୍କା ଆବଶ୍ୟକ ହୋଇଥାଏ । ପିତାମାତା କିମ୍ବା ବିଦ୍ୟାର୍ଥୀମାନେ ଏଥିପାଇଁ ଋଣ ନେବାର ମାମଲା ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ସରକାରୀ ତଥ୍ୟ ଅନୁଯାୟୀ କେବଳ ୨୦୧୮-୧୯ରେ ହିଁ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ୧୪,୦୦୦ କୋଟି ମୂଲ୍ୟର ଋଣ ବିତରଣ କରାଯାଇଛି ।

ଏହା ପରିବର୍ତ୍ତେ, କେବଳ ନିବେଶ ମାଧ୍ୟମରେ ଆପଣ କିପରି ନିଜ ପିଲାଙ୍କୁ ସଫଳତାର ସହ ଶ୍ରେଷ୍ଠ କଲେଜକୁ ପଠାଇପାରିବେ ତାହା ଉପରେ ଆଲୋଚନା କରିବା । କିନ୍ତୁ ପ୍ରଥମେ, ଏହା ସହ ଜଡ଼ିତ ଖର୍ଚ୍ଚକୁ ଆପଣ ଜାଣିନେବା ଦରକାର।

| | ହାର୍ଭାର୍ଡ | | ପ୍ରିନ୍ସେଟନ୍ | |
|---|---|---|---|---|
| | ୟୁଜି | ପିଜି | ୟୁଜି | ପିଜି |
| ପାଠ୍ୟକ୍ରମର ନାମ | ବ୍ୟାଚେଲର୍ ଅଫ୍ ସାଇନ୍ସ | ଏମ୍‌ବିଏ | ବ୍ୟାଚେଲର୍ ଅଫ୍ ସାଇନ୍ସ ଇନ୍ ଇଞ୍ଜିନିୟରିଂ | ମାଷ୍ଟର ଅଫ୍ ସାଇନ୍ସ ଇନ୍ ଇଞ୍ଜିନିୟରିଂ |
| ଟିଉସନ ଖର୍ଚ୍ଚ* | ₹୩୩ ଲକ୍ଷ | ₹୫୨ ଲକ୍ଷ | ₹୩୬ ଲକ୍ଷ | ₹୩୮ ଲକ୍ଷ |
| ରହିବା ଖର୍ଚ୍ଚ | ₹୧୫ ଲକ୍ଷ | ₹୨୦ ଲକ୍ଷ | ₹୧୫ ଲକ୍ଷ | ₹୧୮ ଲକ୍ଷ |
| ମୋଟ ଖର୍ଚ୍ଚ | ₹୪୮ ଲକ୍ଷ | ₹୭୨ ଲକ୍ଷ | ₹୫୧ ଲକ୍ଷ | ₹୫୬ ଲକ୍ଷ |
| ବର୍ଷ ସଂଖ୍ୟା | ୩ ବର୍ଷ | ୨ ବର୍ଷ | ୪ ବର୍ଷ | ୨ ବର୍ଷ |
| ମୋଟ ଶିକ୍ଷା ଖର୍ଚ୍ଚ | ₹୧.୪୪ କୋଟି | ₹୧.୪୪ କୋଟି | ₹୨.୦୪ କୋଟି | ₹୧.୧୨ କୋଟି |

*କଲେଜର ୱେବ୍‌ସାଇଟ୍‌ରେ ବର୍ଣ୍ଣିତ ସଦ୍ୟତମ ପାଠ୍ୟକ୍ରମ ଦେୟ ଅନୁଯାୟୀ

କେତେକଙ୍କ ପାଇଁ ଏହି ପରିମାଣ ବିଶାଳ ପ୍ରତୀତ ହୋଇପାରେ। ଭାଗ୍ୟତଃ, ଅଧିକାଂଶ ଆଇଭି ଲିଗ୍ କଲେଜ କୌଣସି ନା କୌଣସି ଆକାରରେ ଆର୍ଥିକ ସହାୟତା ଓ ଛାତ୍ରବୃତ୍ତି ପ୍ରଦାନ କରିଥାନ୍ତି। ଉଦାହରଣସ୍ୱରୂପ, ଛାତ୍ରବୃତ୍ତିଧାରୀ ବିଦ୍ୟାର୍ଥୀମାନେ ହାର୍ଭାର୍ଡ ଶିକ୍ଷା ପାଇଁ ବାର୍ଷିକ ମାତ୍ର $୧୨,୦୦୦ ବା ₹୮.୫ ଲକ୍ଷ ପୈଠ କରିଥିଲେ। ଏବଂ ୫୫% (ଦୁଇଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ଜଣେ) ଆବଶ୍ୟକତା-ଭିତ୍ତିକ ଛାତ୍ରବୃତ୍ତି ସହାୟତା ପାଇଥାନ୍ତି। ପ୍ରିନ୍ସେଟନ୍ କ୍ଷେତ୍ରରେ, ୨୦୧୮-୧୯ ଶିକ୍ଷାବର୍ଷରେ ୬୦% ବିଦ୍ୟାର୍ଥୀ ଆର୍ଥିକ ସହାୟତା ପାଇଁ ଯୋଗ୍ୟ ହୋଇଥିଲେ।

ଦର୍ଶାଯାଇଥିବା ଅନୁଯାୟୀ, ହାର୍ଭାର୍ଡରେ ଅଣ୍ଡରଗ୍ରାଜୁଏଟ୍ ଡିଗ୍ରୀ ପାଠ୍ୟକ୍ରମ ପାଇଁ (ଆର୍ଥିକ ସହାୟତା ପରେ) ବାର୍ଷିକ ପାଖାପାଖି ₹୮.୫ ଲକ୍ଷ ଆବଶ୍ୟକ ହୋଇଥାଏ। ତିନି-ବର୍ଷିଆ ଡିଗ୍ରୀ ପାଇଁ ମୋଟ ଖର୍ଚ୍ଚ ହେଉଛି ₹୨୫.୫ ଲକ୍ଷ। ଯଦି ଏହା ଏବେ ମହଙ୍ଗା ଲାଗୁଛି, ତେବେ ଜାଣିରଖନ୍ତୁ, ଭବିଷ୍ୟତରେ ଏହା କେବଳ ଆହୁରି ମହଙ୍ଗା ହେବ। ହାରାହାରି ମୁଦ୍ରାସ୍ଫୀତି ହାରକୁ ୫% ଧରିଲେ, ସମାନ ଡିଗ୍ରୀ ପାଇଁ ଆପଣଙ୍କୁ ୧୦ ବର୍ଷ ପରେ ₹୪୧.୫ ଲକ୍ଷ ଏବଂ ୧୫ ବର୍ଷ ପରେ ₹୫୩ ଲକ୍ଷ ଖର୍ଚ୍ଚ କରିବାକୁ ପଡ଼ିବ।

ତେବେ, ଆପଣଙ୍କୁ କେବେଠାରୁ ନିବେଶ ଆରମ୍ଭ କରିବାକୁ ହେବ?

ଯେତେ ଶୀଘ୍ର ସେତେ ଭଲ। ଆଦର୍ଶ ଭାବେ, ଆପଣଙ୍କୁ ଆପଣଙ୍କ ପିଲା ଜନ୍ମ ହେବାକ୍ଷଣି ନିବେଶ ଆରମ୍ଭ କରିଦେବା ଉଚିତ। ଏହାଦ୍ୱାରା ଆପଣଙ୍କ ଆୟ ସମୟ ସହିତ କମ୍ପାଉଣ୍ଡ ବା ଚକ୍ରବୃଦ୍ଧି ହେବାର ସୁଯୋଗ ପାଇବ। ଏବଂ ଆପଣଙ୍କ ନିକଟରେ ପ୍ରତିମାସର ଛୋଟ ଛୋଟ ପରିମାଣ ନିବେଶ କରିବାର ସ୍ୱାଚ୍ଛନ୍ଦ୍ୟ ରହିବ। ଆପଣଙ୍କ ପିଲା ହାଇସ୍କୁଲ ଯିବା ଆରମ୍ଭ କରିବା ପର୍ଯ୍ୟନ୍ତ ଯଦି ଆପଣ ଅପେକ୍ଷା କରନ୍ତି, ତେବେ ସମାନ ପାଣ୍ଠି ହାସଲ କରିବା ପାଇଁ ଆପଣଙ୍କୁ ପ୍ରତିମାସରେ ଅପେକ୍ଷାକୃତ ଅଧିକ ପରିମାଣ ନିବେଶ କରିବାକୁ ହେବ।

ଆସନ୍ତୁ ଗୋଟିଏ ଉଦାହରଣକୁ ଦେଖିବା ଏବଂ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ମାଧ୍ୟମରେ ନିଜ ପିଲାର ଆଇଭି ଲିଗ୍ ସ୍ୱପ୍ନକୁ ପାଣ୍ଠି କିପରି ଯୋଗାଇପାରିବେ ତାହା ହିସାବ କରିବା।

| | ୧୦ ବର୍ଷ | ୧୫ ବର୍ଷ | ୧୮ ବର୍ଷ |
|---|---|---|---|
| ଶିକ୍ଷା ବାବଦୀୟ ଖର୍ଚ୍ଚ | ₹୨୫.୫ ଲକ୍ଷ | ₹୨୫.୫ ଲକ୍ଷ | ₹୨୫.୫ ଲକ୍ଷ |
| ମୁଦ୍ରାସ୍ଫୀତି ହାର | ୫% | ୫% | ୫% |
| ଭବିଷ୍ୟତରେ ଶିକ୍ଷା ପାଇଁ ଖର୍ଚ୍ଚ | ₹୪୧.୫ ଲକ୍ଷ | ₹୫୩ ଲକ୍ଷ | ₹୬୧ ଲକ୍ଷ |
| ରିଟର୍ନ ହାର (ଇକ୍ୱିଟି ଫଣ୍ଡ) | ୧୨% | ୧୨% | ୧୨% |
| ପ୍ରତିମାସରେ ନିବେଶ ପାଇଁ ଆବଶ୍ୟକ ପରିମାଣ | ₹୧୮,୬୦୦ | ₹୧୧,୨୦୦ | ₹୮,୬୦୦ |
| ମୋଟ ନିବେଶ ରାଶି | ₹୨୨.୩୨ ଲକ୍ଷ | ₹୨୦.୧୬ ଲକ୍ଷ | ₹୧୮.୫୭ ଲକ୍ଷ |
| ଚୂଡ଼ାନ୍ତ ପାଣ୍ଠି | ₹୪୧.୬୭ ଲକ୍ଷ | ₹୫୩.୩୦ ଲକ୍ଷ | ₹୬୧.୨୧ ଲକ୍ଷ |

*ଉପରପ୍ରଦତ୍ତ ସାରଣୀ କେବଳ ଦୃଷ୍ଟାନ୍ତମୂଳକ ଉଦ୍ଦେଶ୍ୟ ପାଇଁ । ଉକ୍ତ ହିସାବରେ, ଦୀର୍ଘ-ମିଆଦରେ ବିବିଧକୃତ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡର ରିଟର୍ନ ସମ୍ଭାବ୍ୟତା ଭିତ୍ତିରେ ୧୨%ର ବାର୍ଷିକ ରିଟର୍ନକୁ ଅନୁମାନ କରାଯାଇଛି ।

ଏହି ସାରଣୀ ଆପଣଙ୍କୁ ଦେଖାଇଥାଏ ଯେ ଆପଣ କିପରି ହାର୍ଭାର୍ଡରେ ନିଜ ପିଲାର ଅଣ୍ଡରଗ୍ରାଜୁଏଶନ୍ ପାଠ୍ୟକ୍ରମ ପାଇଁ ନିବେଶ କରିପାରିବେ। ସେହିଭଳି, ବାଞ୍ଛିତ ପାଣ୍ଠି ହାସଲ କରିବା ପାଇଁ ଆପଣଙ୍କୁ ପ୍ରତିମାସରେ କେତେକ ପରିମାଣ ନିବେଶ କରିବାକୁ ହେବ ଏହା ଜାଣିବା ପାଇଁ ଆପଣ ଅନ୍‌ଲାଇନ୍ ନିବେଶ କାଲକୁଲେଟରର ସହାୟତା ନେଇପାରନ୍ତି ।

ପୋଷ୍ଟ-ଗ୍ରାଜୁଏଶନ୍ ଡିଗ୍ରୀ କ୍ଷେତ୍ରରେ, ଅଧିକାଂଶ କଲେଜ ବିଦ୍ୟାର୍ଥୀ ନିର୍ଦ୍ଦିଷ୍ଟ କାର୍ଯ୍ୟ ଅଭିଜ୍ଞତା ହାସଲ କରିବା ପରେ ହିଁ ତାଙ୍କୁ ଗ୍ରହଣ କରିଥାନ୍ତି । ଏହା ଆପଣଙ୍କୁ ଯଥାସମ୍ଭ ସଞ୍ଚୟ ଓ ନିବେଶ କରିବାର ଏକ ଭଲ ସୁଯୋଗ ଦେଇଥାନ୍ତି ଯାହାଦ୍ୱାରା ଆପଣ ନିଜ ପିତାମାତାଙ୍କ ଆର୍ଥିକ ବୋଝକୁ କିଛି ମାତ୍ରାରେ ହ୍ରାସ କରିପାରିବେ । ନିଜର ନିବେଶକୁ ପିତାମାତାଙ୍କ ନିବେଶ ସହ ଏକାଠି କରନ୍ତୁ ଓ ଅଧିକ ଦ୍ରୁତ ହାରରେ ନିଜ ଆର୍ଥିକ ଲକ୍ଷ୍ୟରେ ପହଞ୍ଚନ୍ତୁ ।

**ଏହାପରେ କ'ଣ ?** ଟଙ୍କା ବିଷୟରେ ଆପଣଙ୍କ ପିଲାମାନେ କେତେ ଜାଣିଛନ୍ତି? ଟଙ୍କା ବିଷୟରେ ଆପଣ ନିଜ ପିଲାଙ୍କୁ ଯେତେ ଶୀଘ୍ର ଶିକ୍ଷା ଦେବା ଆରମ୍ଭ କରିବେ, ସେତେ ଭଲ । ପରବର୍ତ୍ତୀ କାହାଣୀରେ, ଆସନ୍ତୁ ନିଜ ପିଲାଙ୍କ ସହ "ଟଙ୍କା ବିଷୟରେ ସବୁକିଛି" ପ୍ରସଙ୍ଗକୁ କିପରି ଆଲୋଚନା କରିବେ ତାହା ଉପରେ ନଜର ପକାଇବା।

ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ପାଠକୀୟ ମତ

ସ୍କୁଲ (ବା ଶିକ୍ଷାନୁଷ୍ଠାନ) ପିଲାମାନଙ୍କୁ ବ୍ୟକ୍ତିଗତ ଅର୍ଥ ଉପରେ ଶିକ୍ଷା ଦେବା ଆରମ୍ଭ କରିବା ଉଚିତ ବୋଲି ଆପଣ ଭାବନ୍ତି କି?

ହଁ | ନା

ନିଜ ଉତ୍ତର ଏସ୍‌ଏମ୍‌ଏସ୍ ମାଧ୍ୟମରେ ପଠାନ୍ତୁ।
Poll<SPACE>YES କିମ୍ବା
Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ । ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

### ଫଳାଫଳ

ପୂର୍ବବର୍ତ୍ତୀ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ – ୨ ବର୍ଷ ପରେ ବିଦେଶ ଭ୍ରମଣ ପାଇଁ ଆଜିଠାରୁ ଆପଣ ପ୍ରତିମାସରେ ନିଜର ସିନେମା ଦେଖାକୁ ଛାଡ଼ିପାରିବେ କି?

ଆପଣମାନଙ୍କ ମତାମତ ଏହିପରି ଥିଲା

ହଁ ୯୬% | ନା ୪%

### କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:

୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

## ନିଜର ପିଲାଙ୍କ ସହ 'ଟଙ୍କାର କଥାବାର୍ତ୍ତା' କରିବାର ସମୟ

ଏହି ଶିଶୁଦିବସରେ, ନିଜ ପିଲାଙ୍କ ସହ ଟଙ୍କାପଇସା ସମ୍ପର୍କରେ ଆଲୋଚନା କରନ୍ତୁ। ଯାହା ବି ହେଉ ନା କାହିଁକି, ତାଙ୍କ ଭବିଷ୍ୟତକୁ କେବଳ ଆପଣ ହିଁ ଆକାର ଦେଇପାରିବେ।

**ଆପଣ ଏହା କରିପାରିବେ:**

**୧. ଯଥାଶୀଘ୍ର ଆରମ୍ଭ କରନ୍ତୁ**
ଟଙ୍କା ବିଷୟରେ ଆପଣ ଯେତେଶୀଘ୍ର ନିଜ ପିଲାଙ୍କ ସହ ଆଲୋଚନା ଆରମ୍ଭ କରିବେ ସେତେ ଭଲ। ଏହା ତାଙ୍କ ଆର୍ଥିକ ବ୍ୟକ୍ତିତ୍ୱକୁ ଆକାର ଦେଇପାରିବ। ସେମାନେ ଆକୃଷ୍ଟ ହୋଇପାରୁଥିବା ଭଳି ସରଳ ଭାଷାରେ ସେମାନଙ୍କ ସହ ଆର୍ଥିକ ଜୀବନ ବିଷୟରେ ଆଲୋଚନା କରନ୍ତୁ ।

**୨. ପ୍ରଶ୍ନଗୁଡ଼ିକର ଉତ୍ତର ସଚ୍ଚୋଟ ଭାବେ ଦିଅନ୍ତୁ**
ଯଦିଓ ଆପଣ ଋଣରେ ଭାରାକ୍ରାନ୍ତ ଅଛନ୍ତି କିମ୍ବା ତାକୁ ପ୍ଲେଷ୍ଟେସନ୍ କିଣିଦେବା ପାଇଁ ଆପଣଙ୍କ ପାଖରେ ଟଙ୍କା ନାହିଁ ଏହା ନିଜ ପିଲାଙ୍କୁ କହିବା ଆପଣଙ୍କୁ ଖରାପ ଲାଗୁଥାଇପାରେ, ତଥାପି ସେମାନଙ୍କ ସହ ସଚ୍ଚୋଟ ହେବା ଜରୁରୀ। ଏପରି ମନଖୋଲା କଥାବାର୍ତ୍ତା ସେମାନଙ୍କ ମଧ୍ୟରେ ସନ୍ତର୍ପଣଭାବ ବିକଶିତ କରିବ।

**୩. ପ୍ରଶ୍ନ ପଚାରନ୍ତୁ**
ଆପଣ ନିଜ ପିଲାଙ୍କ ଆବଶ୍ୟକତାକୁ ବୁଝୁଥିଲେ ମଧ୍ୟ, ସେମାନଙ୍କୁ ସେମାନଙ୍କ ଇଚ୍ଛା ଓ ଅଭିଳାଷ ବିଷୟରେ ପଚାରନ୍ତୁ । ମନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିଲେ, ସଞ୍ଚୟର ମହତ୍ତ୍ୱ ସମ୍ପର୍କରେ ସେମାନଙ୍କୁ ଶିକ୍ଷିତ କରିବା ଆପଣଙ୍କ ପାଇଁ ସହଜ ହେବ ।

**୪. ଶିଖାନ୍ତୁ**
ସେମାନଙ୍କୁ ସଞ୍ଚୟ କରିବା ପାଇଁ ପ୍ରୋତ୍ସାହିତ କରନ୍ତୁ। ବିଳମ୍ବିତ ପୁରସ୍କାରର ଯାଦୁ ସେମାନଙ୍କୁ ଦେଖାନ୍ତୁ ଏବଂ ଛୋଟ ଛୋଟ ଘରକାମ ପାଇଁ ସେମାନଙ୍କୁ ଟଙ୍କାରେ ପୁରସ୍କୃତ କରନ୍ତୁ।




ଆପଣଙ୍କ ପିଲା ଟଙ୍କାର ମୂଳତତ୍ତ୍ୱ ବୁଝିବା ଆରମ୍ଭ କଲେ, ତାକୁ ନିଜର ନିବେଶ ଆରମ୍ଭ କରିବା ପାଇଁ ଅନୁମତି ଦିଅନ୍ତୁ ।
**ଟିପ୍ସ:** ଆପଣ ନିଜ ପିଲାମାନଙ୍କ ନାମରେ ଏକ ମ୍ୟୁଚୁଆଲ ଫଣ୍ଡ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ଆରମ୍ଭ କରିପାରିବେ। ଯେହେତୁ ଏହା ସେମାନଙ୍କର ନିବେଶ, ତେଣୁ ସେମାନେ ଏ ସମ୍ପର୍କରେ ଜାଣିବା ଓ ଶିଖିବାକୁ ଆଗ୍ରହୀ ହେବେ ଏବଂ ଅଧିକ ସଞ୍ଚୟ କରିବା ପାଇଁ ମଧ୍ୟ ପ୍ରୋତ୍ସାହିତ ହେବେ।

**ଏସ୍‌ଆଇପି ଆପଣଙ୍କ ପିଲାଙ୍କ ଆର୍ଥିକ ବେଷ୍ଟ ଫ୍ରେଣ୍ଡ ହୋଇପାରିବ।**
ନୂଆ ବନ୍ଧୁତା ଆରମ୍ଭ କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ
■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ନିକଟ ଅତୀତରେ ଏକ ଶିଶୁକନ୍ୟାର ପିତା ହୋଇଛି ଏବଂ ସେ ୧୮ ବର୍ଷର ହେବା ଭିତରେ ମୁଁ ତା' ପାଇଁ ₹୫୦ ଲକ୍ଷର ଏକ ପାଣ୍ଠି ତିଆରି କରିବାକୁ ଚାହୁଁଛି । ମୋତେ ଆପଣ କେଉଁଠି ନିବେଶ କରିବାର ପ୍ରସ୍ତାବ ଦେବେ?

**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**
**ଦୀପଚାନ୍ଦ ଘୋଷ**
ଆର୍ଥିକ ବିଶେଷଜ୍ଞ

ଜଣେ ଦାୟିତ୍ୱବାନ୍ ପିତାମାତା ଭାବେ ଆପଣ ନିଜ ଝିଅ ପାଇଁ ସବୁକିଛି ଭଲ ଚାହୁଁଥିବେ। ଆପଣ ୧୮ ବର୍ଷ ଅବଧି ପାଇଁ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରି ₹୫୦ ଲକ୍ଷର ପାଣ୍ଠି ଗଢ଼ିପାରିବେ । ଏକ ଇକ୍ୱିଟି ଫଣ୍ଡ ୧୦%ର ହାରାହାରି ରିଟର୍ନ ଯୋଗାଇବ ଏହା ଅନୁମାନ କଲେ, ୧୮ ବର୍ଷ ଅବଧିରେ ନିବେଶ କରି ଏହି ପରିମାଣର ଅର୍ଥରାଶି ହାସଲ କରିବା ସମ୍ଭବ । ଏହି ଫଣ୍ଡଗୁଡ଼ିକ ଦୀର୍ଘ ମିଆଦରେ ଅତି ଉଚ୍ଚ ରିଟର୍ନ ଯୋଗାଇବାର କ୍ଷମତା ରଖିଥାଏ, କାରଣ ହେଉଛି ଇକ୍ୱିଟି ଏକ୍ସପୋଜର୍ ଏବଂ ସମୟ ସହିତ ଏହାର ରିସ୍କ ସ୍ତର ମଧ୍ୟ କମିଯାଏ । ଜଣେ ଆର୍ଥିକ ପରାମର୍ଶଦାତାଙ୍କଠାରୁ ପରାମର୍ଶ ହାସଲ କରିବା ସର୍ବଦା ପରାମର୍ଶଯୋଗ୍ୟ, ସେ ଆପଣଙ୍କ ରିସ୍କ ନେବାର କ୍ଷମତା ଓ ଆର୍ଥିକ ପରିସ୍ଥିତି ଭିତ୍ତିରେ ଆପଣଙ୍କୁ ଉଚିତ ମାର୍ଗଦର୍ଶନ ଯୋଗାଇପାରିବେ। ଆର୍ଥିକ ପରାମର୍ଶଦାତା ଆପଣଙ୍କୁ ଆପଣଙ୍କ ଚଳିତ ଆର୍ଥିକ ପରିସ୍ଥିତ ଭିତ୍ତିରେ ସର୍ବୋପଯୁକ୍ତ ମ୍ୟୁଚୁଆଲ ଫଣ୍ଡ ଚୟନ କରିବାରେ ସାହାଯ୍ୟ କରିବେ।

## ଗୁରୁ କୁହନ୍ତି

**ବିଶାଲ ଜୈନ**
ଆର୍ଥିକ ପରାମର୍ଶଦାତା, ଜର୍ନି୨ୱେଲ୍‌ଥ

**ମ୍ୟୁଚୁଆଲ ଫଣ୍ଡରେ ନାବାଳକ/ନାବାଳିକା ନିବେଶ କରିପାରିବେ କି?**

ମ୍ୟୁଚୁଆଲ ଫଣ୍ଡରେ ନିବେଶ ମାତାପିତାଙ୍କ ନାମରେ କିମ୍ବା ଅପ୍ରାପ୍ତବୟସ୍କ ଶିଶୁ (୧୮ ବର୍ଷରୁ କମ୍ ବୟସ)ଙ୍କ ନାମରେ କରାଯାଇପାରିବ

ଏ କ୍ଷେତ୍ରରେ ନିମ୍ନଲିଖିତ ସର୍ତ୍ତାବଳୀକୁ ଅନୁସରଣ କରାଯିବା ଉଚିତ:

- ଯୁଗ୍ମ ଧାରକ ବା ଜଏଣ୍ଟ ହୋଲ୍ଡର ଅନୁମତିଯୋଗ୍ୟ ହେବ ନାହିଁ ।
- ନାବାଳକ/ନାବାଳିକା ଫୋଲିଓର ପ୍ରଥମ ଓ ଏକକ ଧାରକ ହେବେ ଏବଂ ତାଙ୍କର ପ୍ରତିନିଧିତ୍ୱ ଜଣେ ପ୍ରାକୃତିକ ଅଭିଭାବକ (ପିତା କିମ୍ବା ମାତା) କିମ୍ବା ଆଇନଗତ ଅଭିଭାବକ (ଅଦାଲତ ଦ୍ୱାରା ନିଯୁକ୍ତ) କରିପାରିବେ ।
- ଆବେଦନ ପତ୍ର ଅଭିଭାବକ (କେୱାଇସି ଅନୁପାଳନକାରୀ)ଙ୍କ ଦ୍ୱାରା ପୂରଣ ଓ ସ୍ୱାକ୍ଷରିତ କରାଯିବା ଆବଶ୍ୟକ।
- ଅଭିଭାବକଙ୍କ ଆତ୍ମ-ପ୍ରମାଣିତ ପ୍ୟାନ୍ ପ୍ରତିଲିପି ।
- ନାବାଳକ/ନାବାଳିକାଙ୍କ ଜନ୍ମ ପ୍ରମାଣପତ୍ର/ପାସ୍‌ପୋର୍ଟ/ବିଦ୍ୟାଳୟ ତ୍ୟାଗ ପ୍ରମାଣପତ୍ର ।
- ଅଦାଲତ-ନିଯୁକ୍ତ ଅଭିଭାବକଙ୍କ କ୍ଷେତ୍ରରେ ଅଦାଲତଙ୍କ ଆଦେଶ ।
- ନାବାଳକ/ନାବାଳିକାଙ୍କ ଖାତା କିମ୍ବା ଅଭିଭାବକଙ୍କ ଖାତାର ଚେକ୍ ।

## ସ୍ୱତନ୍ତ୍ର କୁମାର ବୁଝାନ୍ତି:

### ୱାଲ୍ଟ ଡିଜ୍‌ନୀ ୱାର୍ଲ୍ଡ୍‌କୁ ଭ୍ରମଣ ପାଇଁ ଏକ ସହଜ ଗାଇଡ୍






ଆପଣ ଜାଣିଥାନ୍ତୁ କି ନାହିଁ, ଆପଣଙ୍କ ପିଲା ୱାଲ୍ଟ ଡିଜ୍‌ନୀ ୱାର୍ଲ୍ଡକୁ ଯିବା କଥା ଭାବିସାରିଲାଣି । ସେଠାରେ ସେ କ'ଣ କରିବ ସେ ବିଷୟରେ ସ୍ୱପ୍ନ ଦେଖିସାରିଛି। ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ସେ ବିଶ୍ୱାସ କରୁଛି ଯେ ତା'ର ଏହି ସ୍ୱପ୍ନକୁ ଆପଣ ନିଶ୍ଚୟ ପୂରଣ କରିବେ। ଏବେ, ତା'ର ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାର ସାହସ ଆପଣ କରିପାରିବେ କି?

ହେଲେ, ଆପଣ ଯେତେ ଭାବୁଛନ୍ତି ଏହି କାମ ତା'ଠାରୁ ସହଜ, ହାଇବ୍ରିଡ୍ ମ୍ୟୁଚୁଆଲ ଫଣ୍ଡଗୁଡ଼ିକୁ ଧନ୍ୟବାଦ। ଜାଣନ୍ତୁ କିପରି:

**ପ୍ରୌଢ଼ଙ୍କ ସଂଖ୍ୟା: ୨**
**ପିଲାଙ୍କ ସଂଖ୍ୟା: ୧**
**ରହଣି ଅବଧି: ୬ ରାତି, ୭ ଦିନ**
**୫ ବର୍ଷ ପରେ ପରିବାର ପାଇଁ ଆନୁମାନିକ ଖର୍ଚ୍ଚ: ₹୪,୫୦,୦୦୦**

| ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ପରିମାଣ | ହାଇବ୍ରିଡ୍ ମ୍ୟୁଚୁଆଲ ଫଣ୍ଡରେ ନିବେଶିତ ମୋଟ ପରିମାଣ | ନିବେଶ ମିଆଦ | ରିଟର୍ନ ହାର* | ୫ ବର୍ଷ ସମାପ୍ତି ପରେ ପ୍ରତ୍ୟାଶିତ ପରିମାଣ |
|---|---|---|---|---|
| ₹୫,୫୦୦ | ₹୩,୩୦,୦୦୦ | ୫ ବର୍ଷ | ୧୨% | ₹୪,୫୩,୬୭୫ |

*ଆକଳିତ ରିଟର୍ନ ହାର **ସାରଣୀ କେବଳ ଦୃଷ୍ଟାନ୍ତମୂଳକ ଉଦ୍ଦେଶ୍ୟ ପାଇଁ

ପ୍ରତିମାସରେ ₹୫,୫୦୦ ସଞ୍ଚୟ ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରି ଆପଣ ନିଜ ପିଲାର ହିରୋ ହୋଇ ରହିବା ଜାରି ରଖିପାରିବେ।

ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ପରବର୍ତ୍ତୀ ସଂସ୍କରଣରେ: କୁହାଯାଏ ଯେ ବିବାହ ସ୍ୱର୍ଗରେ ସ୍ଥିର ହୁଏ ଓ ଧରାପୃଷ୍ଠରେ ତାହାର ଉତ୍ସବ ପାଳନ କରାଯାଏ । ଆସନ୍ତା ସଂସ୍କରଣରେ, ଏହି ଉତ୍ସବ ପାଳନ ବାବଦୀୟ ଖର୍ଚ୍ଚର ଯତ୍ନ ଆପଣ କିପରି ନେଇପାରିବେ ତାହା ଉପରେ ଆମେ ନଜର ପକାଇବା। ଏକ ଆର୍ଥିକ ଭାବେ ସୁଖୀ ବୈବାହିକ ଜୀବନର କେତେକ ଗୁପ୍ତକଥା ଉପରେ ମଧ୍ୟ ଆମେ ଆଲୋଚନା କରିବା।

f LIVE ବିବାହର ଆର୍ଥିକ ଦିଗଗୁଡ଼ିକ ଉପରେ ଅଧିକ କୌତୂହଳପ୍ରଦ ଟିପ୍‌ସ ପାଇଁ, ୨୧ ନଭେମ୍ବର ୨୦୧୯ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।


MUTUALFUNDS Sahi Hai

UTI Mutual Fund
Haq, ek behtar zindagi ka.

# ଉତ୍ତମ ଅଭ୍ୟାସ ହେଉ ବା ନିବେଶ, ନିୟମିତ ରହିବା ଦ୍ୱାରା ହିଁ ଲାଭ ମିଳେ!

ଆପଣଙ୍କ ପିଲାଙ୍କୁ ନିୟମିତ ହେବା ଶିଖାନ୍ତୁ ଯାହା ଭବିଷ୍ୟତରେ ତାଙ୍କୁ ବିତ୍ତୀୟ ରୂପେ ଦାୟିତ୍ୱବାନ ବୟସ୍କ ହେବାରେ ସାହାଯ୍ୟ କରିବ ।



ଆପଣଙ୍କ ମ୍ୟୁଚୁଆଲ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ।

ଉତ୍ତମ ଅଭ୍ୟାସ ଉତ୍ତମ ନିବେଶ ପରି ହୋଇଥାଏ । ଯେତେ କମ୍ ବୟସରେ ଆପଣ ଆରମ୍ଭ କରନ୍ତି, ସେତେ ଉତ୍କୃଷ୍ଟ ପ୍ରତିଲାଭ ଆପଣଙ୍କୁ ମିଳିଥାଏ । ଏଥିପାଇଁ ଆପଣଙ୍କ ପିଲାଙ୍କୁ କମ୍ ବୟସରେ ହିଁ ନିବେଶର ମହତ୍ତ୍ୱ ବିଷୟରେ ବୁଝାନ୍ତୁ ଯାହା ଦ୍ୱାରା ଭବିଷ୍ୟତରେ ଆପଣ ତାଙ୍କୁ ବିତ୍ତୀୟ ରୂପେ ଦାୟୀ ବୟସ୍କ ବନିବାର ଦେଖି ପାରିବେ ।

SMS "UTISIP" to 5676756

Scan this QR code to learn more about SIP

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ

ଆପଣଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଯୋଜନା ବନାନ୍ତୁ, ଲଗ୍ ଅନ୍ କରନ୍ତୁ www.utiswatantra.com

Follow us on f t in

0400

କେୱାଇସି ଦସ୍ତାବିଜ ଆବଶ୍ୟକତା ଓ ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଆଦି ବଦଳାଇବାର ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଦେଖନ୍ତୁ https://www.utimf.com/servicerequest/kyc । ଦୟାକରି କେବଳ ପଞ୍ଜିକୃତ ମ୍ୟୁଚୁଆଲ ଫଣ୍ଡ ହିଁ ନିଅନ୍ତୁ, ଯାହାର ବିବରଣୀ ସେବି ୱେବସାଇଟ୍‌ରୁ "ମଧ୍ୟସ୍ଥ/ବଜାର ମୌଳିକ ଢାଞ୍ଚା ସଂସ୍ଥାନ" ଅଧୀନରେ କରାଯାଇପାରେ । ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଯାହା ବି ଅଭିଯୋଗ ଅଛି ତାହା service@uti.co.in କୁ ପଠା ଯାଇପାରେ ଏବଂ/ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ୍) ଦେଖି ପାରିବେ । ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ଉପକ୍ରମର ଅଂଶ ଅଟେ ।

ଏସ୍‌ଆଇପି କୌଣସି ଏକ ସୁନିଶ୍ଚିତ ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ରେ ଏକ ପୂର୍ବ-ନିର୍ଦ୍ଧାରିତ ତାରିଖକୁ ଏକ ନିଶ୍ଚିତ ସମୟାବଧିରେ କରାଯାଇଥିବା ଅନୁଶାସିତ ନିବେଶ ଅଟେ ।

ମ୍ୟୁଚୁଆଲ ଫଣ୍ଡରେ ନିବେଶ ବଜାର ଆପଦ ଅଧୀନ ଅଟେ, ଯୋଜନା ସମ୍ବନ୍ଧିତ ସମସ୍ତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ ।

## ସଂକ୍ଷେପରେ

### ଜିଲାରେ ନାହାନ୍ତି ପର୍ଯ୍ୟଟନ ଅଧିକାରୀ

**କେନ୍ଦ୍ରାପଡା ଅଫିସ,୧୩।୧୧:** କେନ୍ଦ୍ରାପଡା ଜିଲା ବିଭିନ୍ନ କାରଣରୁ ଅର୍ଥନୈତିକ ବିକାଶ କ୍ଷେତ୍ରରେ ରାଜ୍ୟର ପଛୁଆ ଜିଲା ମଧ୍ୟରେ ସାମିଲ ହୋଇଛି। ତେବେ ଏଠାରେ ପର୍ଯ୍ୟଟନ ଶିଳ୍ପ ପାଇଁ ଉପଯୁକ୍ତ ଭିତ୍ତିଭୂମି ରହିଛି । ଏଣୁ ପର୍ଯ୍ୟଟନ ଶିଳ୍ପର ଉନ୍ନତୀକରଣ ହେଲେ ଜିଲାର ଆର୍ଥିକ ବିକାଶ ହୋଇ ପାରନ୍ତା । ତେବେ ଗତ ବର୍ଷକ ମଧ୍ୟରେ ସ୍ଥାୟୀ ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ ନିଯୁକ୍ତି ମିଳି ନ ଥିବାରୁ ପର୍ଯ୍ୟଟନ କ୍ଷେତ୍ରରେ ଅବହେଳା ପରିଲକ୍ଷିତ ହେଉଛି । କେନ୍ଦ୍ରାପଡା ଜିଲାରେ ଗତ ୨୦୧୨ ମଧ୍ୟରେ ମାତ୍ର ୫ଟି ପର୍ଯ୍ୟଟନ କ୍ଷେତ୍ରକୁ ରାଜ୍ୟସ୍ତରୀୟ ମାନ୍ୟତା ପ୍ରଦାନ କରାଯାଇଥିଲା । ଇତିମଧ୍ୟରେ ଏହି ସଂଖ୍ୟା ୧୩ରେ ପହଞ୍ଚିଛି । ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତୀକରଣ ପାଇଁ ବିଭାଗ ପକ୍ଷରୁ ମୋଟ ୭ କୋଟି ଟଙ୍କା ବ୍ୟୟ ମଞ୍ଜୁରୀ ହୋଇଛି । ତେବେ କୌଣସି ପର୍ଯ୍ୟଟନ ଅଧିକାରୀ ଏଠାରେ ସ୍ଥାୟୀ ଭାବେ ରହୁ ନ ଥିବାରୁ ଉନ୍ନୟନ ପାଇଁ ଆସିଥିବା ଅର୍ଥ ଖର୍ଚ୍ଚ ହୋଇ ପାରୁ ନାହିଁ । ସୂଚନାଯୋଗ୍ୟ ଯେ, ପୂର୍ବତନ ଜିଲା ପର୍ଯ୍ୟଟନ ଅଧିକାରୀ ବିଜୟ ମହାନ୍ତି ଗତ ୨୦୧୮ ଅକ୍ଟୋବରରେ ଅବସର ନେଇଥିବା ବେଳେ ଯାଜପୁର ପର୍ଯ୍ୟଟନ ଅଧିକାରୀଙ୍କୁ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ତୁରନ୍ତ ଜିଲାରେ ପର୍ଯ୍ୟଟନ ଅଧିକାରୀଙ୍କୁ ନିଯୁକ୍ତି ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

### ମହିଳାଙ୍କୁ ନିର୍ଯାତନା

**କେନ୍ଦ୍ରାପଡା ଅଫିସ,୧୩।୧୧:** ଅଧିକ ଯୌତୁକ ଦାବି କରି ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯାଇଥିବା ସଦର ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତିକରି ଥାନାରେ ୩୧୯/୧୯ ନଂରେ ମାମଲା ରୁଜୁ ହୋଇଛି । ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ ସୂଚନା ଦେଇଛନ୍ତି ଯେ, ଥାନା ଅନ୍ତର୍ଗତ ଚକ୍ରୋଡା ସହରପୁର ଗ୍ରାମର ଜଗନ୍ନାଥ ସ୍ୱାଇଁ ଗତ ୨୦୧୭ ମାର୍ଚ୍ଚ ୨ ତାରିଖରେ ପାଟକୁରା ଗ୍ରାମର ନିରୂପମା ସାହୁଙ୍କୁ ବିବାହ କରିଥିଲେ । ବିବାହ ପରେ ଜଗନ୍ନାଥ ଚଳାଉଥିବା ଏକ ଅଟୋକୁ ବଦଳାଇ ଗୋଟିଏ ନୂଆ ଅଟୋ କିଣିବା ପାଇଁ ୫୦ ହଜାର ଟଙ୍କା ବାପଘରୁ ଆଣିବା ପାଇଁ ନିରୂପମାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଏଥିରେ ପରିବାର ସଦସ୍ୟ ସାମିଲ ଥିବା ଥାନା ଅଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି ।

### ମୋହନ ମୁରଲୀ ପୀଠରେ ରାସ ଉତ୍ସବ

**ମାର୍ଶାଘାଇ, ୧୩।୧୧ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ଦୁମୁକା ପଞ୍ଚାୟତ ଗିରଙ୍ଗସ୍ଥିତ ମୋହନ ମୁରଲୀ ପୀଠରେ ୧୯ତମ ରାସ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ୬ଷ୍ଠ ବାର୍ଷିକ ଗୀତାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହାଣ, ପ୍ରଫୁଲ୍ଲ ଦାସ, ନାରୀନେତ୍ରୀ ଶର୍ମିଷ୍ଠା ନାୟକ ପ୍ରମୁଖ ଯୋଗଦେଇଥିଲେ। ୫ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ଅବସରରେ ଅଖଣ୍ଡ ନାମଯଜ୍ଞ କରାଯିବା ସହିତ ମଙ୍ଗଳବାର ରାତିରେ ଭାଗବତ ପାଠ କରାଯାଇଥିଲା। ସେହିପରି ମା' ଗୋଜବାୟାଣୀ ପୀଠରେ ରାସ ଉତ୍ସବ ମହାଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା।

# ମଦ ଦୋକାନକୁ ଭାଙ୍ଗିଲେ ଉତ୍ତ୍ୟକ୍ତ ମହିଳା

**ଡେରାବିଶ (ସ୍ୱ.ପ୍ର.)/ କେନ୍ଦ୍ରାପଡା ଅଫିସ, ୧୩।୧୧**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ନାଗେଶ୍ୱରପୁର ଠାରେ ଖୋଲା ଯାଇଥିବା ଏକ ସରକାରୀ ଦେଶୀ ମଦ ଦୋକାନକୁ ବୁଧବାର ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଭାଙ୍ଗି ଦେଇଛନ୍ତି । ସେମାନେ ଦୋକାନରେ ଥିବା ବହୁ ପରିମାଣର ମଦ ବୋତଲ ଭାଙ୍ଗିଛନ୍ତି । ଏହାକୁ ନେଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ମହିଳାଙ୍କୁ ବୁଝାଶୁଝା କରିଥିଲେ ହେଁ ଚାପା ଉତ୍ତେଜନା ଲାଗି ରହିଛି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ।

ସୂଚନା ମୁତାବକ, ଏହି ମଦ ଦୋକାନ ଏଠାରେ ନ ଖୋଲିବା ପାଇଁ ବାରିମୂଳ ପଞ୍ଚାୟତ ଅଧିବାସୀ ଦୀର୍ଘଦିନ ହେବ ଦାବି କରି ଆସୁଥିଲେ । ମାତ୍ର ପରବର୍ତ୍ତୀ ଅବସ୍ଥାରେ ଜିଲା ପ୍ରଶାସନ ପକ୍ଷରୁ ଗତ ତିନି ମାସ ତଳେ ସେଠାରେ ଏହି ମଦ ଦୋକାନ ଖୋଲିବା ପାଇଁ ସରକାରୀ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ଗାଁ ମଝିରେ ମଦ ଦୋକାନ ଖୋଲାଯାଇଥିବାରୁ ଦିନକୁ ଦିନ ମଦ୍ୟପଙ୍କ ଦୌରାମ୍ୟ ବଢ଼ିବାରେ ଲାଗିଥିଲା । ଏହି ମଦ ଦୋକାନ କେନ୍ଦ୍ରାପଡ଼ା-ଇନ୍ଦୁପୁର ରାସ୍ତା ପାର୍ଶ୍ୱରେ ହୋଇଥିବା ବେଳେ ବିଭିନ୍ନ ସମୟରେ ମଦ୍ୟପ ଯୁବକମାନେ ରାସ୍ତାରେ ଯାଉଥିବା ଯୁବତୀ ଓ ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଥିଲେ । ଏପରି କି ଛୋଟ ଛୋଟ କଥାକୁ ନେଇ ବିଭିନ୍ନ ସମୟରେ ଗଣ୍ଡଗୋଳ ସୃଷ୍ଟି କରୁଥିଲେ । ଏହାର ପ୍ରତିବାଦ କରି ମଦ ଦୋକାନକୁ ଏଠାରୁ ଉଚ୍ଛେଦ କରିବା ପାଇଁ ଗାଁର ମହିଳାମାନେ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଗୁହାରି କରି ଆସୁଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଫଳରେ ଉତ୍ତ୍ୟକ୍ତ ମହିଳାମାନେ ମଧ୍ୟାହ୍ନରେ ଉକ୍ତ ମଦ ଦୋକାନ ନିକଟରେ ଏକଜୁଟ ହୋଇଥିଲେ । ପରେ ଆଇନକୁ ହାତକୁ ନେଇ ମଦ ଦୋକାନରେ ଥିବା ଗୋଟିଏ ପରେ ଗୋଟିଏ ପେଟି ରାସ୍ତାକୁ ଆଣି ଭାଙ୍ଗିବା ଆରମ୍ଭ କରିଥିଲେ । ଏହି ସମୟରେ ଉପସ୍ଥିତ ଥିବା ମଦଦୋକାନୀ ଓ ମହିଳାଙ୍କ ମଧ୍ୟରେ ବେଶ୍ କିଛି ସମୟ କଥା କଟାକଟି ହୋଇଥିଲା । ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ଖବର ପାଇ ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ମାତ୍ର ସେତେବେଳକୁ ମଦ ଦୋକାନରେ ଆଉ ଗୋଟିଏ ବି ମଦ ବୋତଲ ନ ଥିଲା । ଏ ସମ୍ପର୍କରେ ଆନ୍ଦୋଳନକାରୀ ତଥା ସାମାଜିକ କର୍ମୀ ଏଲିନା ସାମନ୍ତରାୟ, ରମଣୀ ରାଉତ, କନକଲତା ରାଉତ କହିଛନ୍ତି ଯେ, ସରକାରଙ୍କ ମଦ ଦୋକାନ ଖୋଲିବା ନୀତି ଓ ନିୟମ ପରିସରରେ ଏହି ମଦ ଦୋକାନ ଆସୁନାହିଁ । ମନ୍ଦିର ଠାରୁ ୨୦୦ ମିଟର ମଧ୍ୟରେ ଏହି ଦୋକାନ ଥିବା ବେଳେ ନିକଟରେ ଗ୍ରାମବାସୀ ରହୁଛନ୍ତି । ଏହି କାରବାର ଯୋଗୁ ଗ୍ରାମ ମଧ୍ୟରେ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବାରୁ ଏହାକୁ ବନ୍ଦ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ସଦର ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ କହିଛନ୍ତି ଯେ, ଏ ସମ୍ପର୍କରେ ଖବର ପାଇ ଆଇନଶୃଙ୍ଖଳା ଦୃଷ୍ଟିରୁ ମହିଳାମାନଙ୍କୁ ବୁଝାଶୁଝା କରି ଉତ୍ତେଜନାକୁ ହ୍ରାସ କରାଯାଇଛି । ତେବେ ଅଦ୍ୟାବଧି କାହା ପକ୍ଷରୁ ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ ଯେ, ୨୦୧୬ ମାର୍ଚ୍ଚ ୮ ତାରିଖରେ ରାଜକନିକାର ନମତରା ଠାରେ ମହିଳାମାନେ ମଦ ଦୋକାନ ଭାଙ୍ଗିବା ପରି ନାଗେଶ୍ୱରପୁରରେ ଦେଶୀ ମଦ ଦୋକାନକୁ ଭାଙ୍ଗି ଏହି ବ୍ୟବସାୟକୁ ଦୃଢ ବିରୋଧ କରିଛନ୍ତି ।



ନାଗେଶ୍ୱରପୁରଠାରେ ଥିବା ସରକାରୀ ମଦଦୋକାନକୁ ମହିଳାମାନେ ଭାଙ୍ଗୁଛନ୍ତି।

### ଆଇନ ସଚେତନତା ସଭା

**କେନ୍ଦ୍ରାପଡା ଅଫିସ,୧୩।୧୧**

କେନ୍ଦ୍ରାପଡା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ଆଇନ ସଚେତନତା ସଭା ଓ ରାଲି ସୋମବାର ଅନୁଷ୍ଠିତ ହୋଇଯାଇଛି । ସହରର ଗରାପୁରସ୍ଥ ଡ. ଭୀମରାଓ ଆମ୍ବେଡକର ଭବନ ପରିସରରେ ଆୟୋଜିତ ସଭାରେ ଜିଲା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏଥିରେ ଏଡିଜେ ମୋହନ ରାଓ ଦୋରା, ଜେଏମଏଫସି ପାରସ ପାଢ଼ୀ, ଜେଏମଏଫସି ଶର୍ମିଷ୍ଠା ଜେନା, ସାମାଜିକ କର୍ମୀ ସୁଧୀର କୁମାର ମଲ୍ଲିକ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ପ୍ରକାଶ କରିଥିଲେ ଯେ, ପୂର୍ବରୁ ସାଧାରଣ ଲୋକଙ୍କ ନିକଟରେ ଆଇନ ସେବା ପହଞ୍ଚିବା କଷ୍ଟକର ଥିଲା । ୧୯୯୫ ମସିହାରୁ ଆଇନ ସେବା ପ୍ରାଧିକରଣ ଦ୍ୱାରା ସାଧାରଣ ଲୋକଙ୍କ ନିକଟରେ ଆଇନ ସହାୟତା ପହଞ୍ଚି ପାରୁଛି । ଏହାର ସୁଯୋଗ ନେବା ପାଇଁ ଆଲୋଚକମାନେ ଆହ୍ୱାନ ଦେଇଥିଲେ। ସଭା ପୂର୍ବରୁ କୋର୍ଟ ପରିସରରୁ ଏକ ସଚେତନତା ରାଲି ବାହାରି ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତରୁଣକାନ୍ତ ସେନ, ଶ୍ରୀକାନ୍ତ ସ୍ୱାଇଁ, ସଂଯୁକ୍ତା ମହାନ୍ତି, ମାଣିକ ହେମ୍ବ୍ରମ, ପ୍ରଶାନ୍ତ କୁମାର ଜେନା ପରିଚାଳନା କରିଥିଲେ ।

## ଫନୀ ବାତ୍ୟା ପରବର୍ତ୍ତୀ ତଦନ୍ତରେ ଅନିୟମିତତା ଅଭିଯୋଗ

# ପୁନଃ ତଦନ୍ତ ନ ହେଲେ ଧାରଣାରେ ବସିବେ କ୍ଷତିଗ୍ରସ୍ତ

**ଡେରାବିଶ,୧୩।୧୧(ସ୍ୱ.ପ୍ର.)**

ଡେରାବିଶ ତହସିଲ ଅଧୀନ ଇନ୍ଦାଲୋ ପଞ୍ଚାୟତରେ ଫନୀ ବାତ୍ୟା ପରବର୍ତ୍ତୀ ସମୟରେ ହୋଇଥିବା ସରକାରୀ ତଦନ୍ତରେ ଅନିୟମିତତା କରାଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । କ୍ଷତିଗ୍ରସ୍ତ ପରିବାର ଏହାର ପୁନଃ ତଦନ୍ତ ଦାବି କରି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସାହାଯ୍ୟ ନ ମିଳିଲେ ଆସନ୍ତା ୧୫ ତାରିଖରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି ।

ଫନୀରେ ଇନ୍ଦାଲୋ ପଞ୍ଚାୟତରେ ଥିବା ଅନେକ ଚାଳ ଛପର ଘର ଭାଙ୍ଗିଯାଇଥିଲା । ସରକାରଙ୍କ ତରଫରୁ ରାଜସ୍ୱ ନିରୀକ୍ଷକଙ୍କ ନେତୃତ୍ୱରେ ତଦନ୍ତ କରାଯାଇଥିଲା । ତଦନ୍ତ ସମୟରେ ଛପର ଘର ଭାଙ୍ଗିଥିବା ସମସ୍ତ ବ୍ୟକ୍ତିଙ୍କୁ କ୍ଷତିଗ୍ରସ୍ତ ତାଲିକାରେ ସାମିଲ କରାଯାଇଥିଲା । କିନ୍ତୁ ଏବେ ସାହାଯ୍ୟ ପାଇଁ ଆସିଥିବା ତାଲିକାରେ ସେମାନଙ୍କର ନାମ ନ ଥିବା ଦେଖାଯାଇଛି । ଏପରିକି ବାସହରା ହୋଇଥିବା ବ୍ୟକ୍ତି ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି । ଅପରପକ୍ଷରେ ଆଦୌ ଚାଳଘର ନ ଥିବା ତଥା କୋଠାଘରର ମାଲିକମାନଙ୍କୁ କ୍ଷତିଗ୍ରସ୍ତ ହୋଇଥିବା ନେଇ ତାଲିକାଭୁକ୍ତ କରାଯାଇଛି । ଏହା ଜଣାପଡ଼ିବା ପରେ କ୍ଷତିଗ୍ରସ୍ତ ବ୍ୟକ୍ତିମାନେ ତଦନ୍ତରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛନ୍ତି । ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତିଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ପ୍ରଫୁଲ୍ଲ କୁମାର ଜେନା, ବିଭୂତି ଭୂଷଣ ସାମନ୍ତରାୟ, ସୁକାନ୍ତ କୁମାର ସାମନ୍ତରାୟ, କେଦାରନାଥ ମହାନ୍ତି, ସୁଶାନ୍ତ କୁମାର ନାୟକ, ଶ୍ରୀକାନ୍ତ ମହାନ୍ତି, ସୁରେନ୍ଦ୍ର କୁମାର ମହାନ୍ତି, ନିର୍ମଳା ନାୟକ, ବୈରାଗୀ ଚରଣ ସ୍ୱାଇଁ ପ୍ରମୁଖ ତହସିଲଦାରଙ୍କୁ ଭେଟି ପୁନର୍ବାର ତଦନ୍ତ କରି ପ୍ରକୃତ କ୍ଷତିଗ୍ରସ୍ତ ଲୋକଙ୍କୁ ତାଲିକାଭୁକ୍ତ କରି ସରକାରୀ ସାହାଯ୍ୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି।

## ଜାତିଗତ ପ୍ରମାଣପତ୍ର ଯାଞ୍ଚ ପାଇଁ ଜନସ୍ୱାର୍ଥ ମାମଲା

# ପ୍ରଶାସନ ନୀରବ

**କେନ୍ଦ୍ରାପଡା ଅଫିସ, ୧୩।୧୧**

ମହାକାଳପଡା ବ୍ଲକ ଅଞ୍ଚଳରେ ଦେଶ ବାହାର ବ୍ୟକ୍ତିଙ୍କ ଅନୁପ୍ରବେଶ ଜିଲାବାସୀଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି । ଅପରପକ୍ଷରେ ଅନୁପ୍ରବେଶ ସମସ୍ୟା ହଟାଇବା ପାଇଁ ଜାତୀୟ ନାଗରିକ ସଂହିତା (ଏନଆରସି) ଲାଗୁ ପାଇଁ କେନ୍ଦ୍ର ସରକାର ତତ୍ପରତା ଦେଖାଇଛନ୍ତି । ଏହାସତ୍ତ୍ୱେ ଏହି ବ୍ଲକରେ ଜାତିଗତ ପ୍ରମାଣପତ୍ରକୁ ନେଇ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ଜିଲା ପ୍ରଶାସନ ନୀରବ ରହିବା ସୂଚନା ଅଧିକାର ଅଭିଯାନ କର୍ମୀଙ୍କୁ ଆଶ୍ଚର୍ଯ୍ୟ କରିଛି । ଏନେଇ ସୂଚନା ଅଧିକାର ଅଭିଯାନ କର୍ମୀ ଅମିତାଭ ଚାନ୍ଦ, ପ୍ରତାପ କୁମାର ମହାନ୍ତି ପ୍ରମୁଖ ଏହି ମାମଲାର ତ୍ୱରିତ ନ୍ୟାୟ ପାଇଁ ଜିଲାପାଳଙ୍କୁ ଇତିମଧ୍ୟରେ ଏକ ନିବେଦନ ପତ୍ର ଦେଇଛନ୍ତି । ଏ ସମ୍ପର୍କରେ ସୂଚନା ଅଧିକାର ଅଭିଯାନ କର୍ମୀ ଚାନ୍ଦ ଓ ମହାନ୍ତି ପ୍ରକାଶ କରିଛନ୍ତି ଯେ, ଜମ୍ବୁ ଥାନା ଅନ୍ତର୍ଗତ ରାମନଗର ଗ୍ରାମର ଗୋଟିଏ ପରିବାରର ସଦସ୍ୟମାନେ ବିଭିନ୍ନ ସମୟରେ ଭିନ୍ନ ଜାତିଗତ ପ୍ରମାଣପତ୍ର ଗ୍ରହଣ କରି ସରକାରୀ ସୁବିଧା ପାଉଛନ୍ତି । ଏହି ଗ୍ରାମର ଗୌର ବର ସଂପୃକ୍ତ ପରିବାର ସଦସ୍ୟଙ୍କ ଜାତି ପ୍ରମାଣପତ୍ର ଯାଞ୍ଚ ପାଇଁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା (ଡବ୍ଲ୍ୟୁପିସି ନଂ- ୨୦୬୧୯/୧୬) କରିଥିଲେ । ଏହି ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଜିଲା ପ୍ରଶାସନକୁ ଏକ ସ୍କ୍ରୁଟିନି କମିଟି ଗଠନ କରି ଜାତିଗତ ପ୍ରମାଣପତ୍ର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲା ପ୍ରଶାସନ ଏନେଇ ଆଡଭୋକେଟ ଜେନେରାଲଙ୍କ ପରାମର୍ଶ ଲୋଡିଥିଲେ । ଆଡଭୋକେଟ ଜେନେରାଲ ଗତ ୨୦୧୮ ଅକ୍ଟୋବର ୨୯ ଓ ଗତ ଅକ୍ଟୋବର ୧୧ରେ ଦୁଇଟି ଚିଠିରେ ଜିଲା ପ୍ରଶାସନକୁ ଏନେଇ ଆଇନଗତ ପରାମର୍ଶ ଦେଇଛନ୍ତି । ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ସ୍କ୍ରୁଟିନି କମିଟିରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ସେମାନେ ଦର୍ଶାଇଛନ୍ତି ।


କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମନ୍ଦିର ପକ୍ଷରୁ ହୋଇଥିବା ଫୁଲ ରଥରେ ଶ୍ରୀବଳଦେବଜୀଉଙ୍କ ବିଜେ ପ୍ରତିମା।

# ଭଜନ ସମାରୋହ


ଭଜନ ସମାରୋହରେ ଉପସ୍ଥିତ କଳାକାରମାନେ।

**ଡେରାବିଶ,୧୩।୧୧(ସ୍ୱ.ପ୍ର.)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଚତୁର୍ଦ୍ଦଶ ବାର୍ଷିକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରତ୍ୟୁଷରୁ ଅଞ୍ଚଳର ଗାୟକ ମନୋରଞ୍ଜନ ନାୟକ, ପ୍ରଶାନ୍ତ ନାୟକ, ଆଦିକନ୍ଦ ଜେନା, ପ୍ରସନ୍ନ ନାୟକ, ବିଶ୍ୱରଞ୍ଜନ ବେହେରା, ଆକାଂକ୍ଷା ପ୍ରିୟଦର୍ଶିନୀ ନାୟକ, କୃଷ୍ଣ ବାବୁ ଓ ସସ୍ମିତା ପଲେଇ ପ୍ରମୁଖ ଭଜନ ପରିବେଷଣ କରିଥିଲେ । ମଳୟ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ଭଜନ ସମାରୋହକୁ ଅଞ୍ଚଳବାସୀ ଉପଭୋଗ କରିଥିଲେ । ସେହିପରି ଇନ୍ଦାଲୋ ପଞ୍ଚାୟତ ଛକନା ଗ୍ରାମରେ ଛକନା ମହାନ୍ତି ସାହିର ଗୋପାଳଜୀଉ ବାସୁଦେବ ବିଜେ ସ୍ଥଳୀରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଶରଦ ରାହାସ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମଙ୍ଗଳ ଆଳତି କରାଯାଇ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା ।

# ମଣିମଠଠାରେ ପୋଲିସ ଫାଣ୍ଡି ପାଇଁ ଦାବି

**କେନ୍ଦ୍ରାପଡା ଅଫିସ,୧୩।୧୧**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ ମଣି ମଠ ଠାରେ ଏକ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ଉଠିଛି। ଏଥିନେଇ ମଣିମଠ ନିକଟ ଡାକବଙ୍ଗଳା ଠାରେ ଏକ ବୈଠକ ଇତିମଧ୍ୟରେ ହୋଇଯାଇଛି । ସାମାଜିକ କର୍ମୀ ଅଯୋଦ୍ଧାନାଥ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ୮ଟି ପଞ୍ଚାୟତ ଅଞ୍ଚଳର ଲୋକ ପ୍ରତିନିଧି, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ । ଫାଣ୍ଡି ପ୍ରତିଷ୍ଠା ଆବଶ୍ୟକତା ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା । ଏ ସମ୍ପର୍କରେ ଗଙ୍ଗାରାମପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ତରାଇ କୁହନ୍ତି ଯେ, କେନ୍ଦ୍ରାପଡା ଜିଲାର ପୋଲିସ ବ୍ୟବସ୍ଥା ବହୁ ବର୍ଷ ଧରି ଅପରିବର୍ତ୍ତିତ ରହିଛି। ଜନସଂଖ୍ୟା ବୃଦ୍ଧି ସହିତ ଆଇନଶୃଙ୍ଖଳା ପରିସ୍ଥିତି ବିଭିନ୍ନ ସ୍ଥାନରେ ଉପୁଜୁଛି । ତେବେ ଏହାକୁ ଆୟତ୍ତ କରିବାକୁ ଥାନା ବହୁ ଦୂରରେ ଅଛି । ପଟ୍ଟାମୁଣ୍ଡାଇ ଓ ସଦର ଥାନା ମଣିମଠ ନିକଟରୁ ୧୮ କିଲୋମିଟର ଦୂରରେ ଅଛି । ପ୍ରାୟ ଶତାଧିକ ଗ୍ରାମାଞ୍ଚଳ ଏହି ଦୁଇଟି ଥାନା ଅଧୀନରେ ଥିବା ବେଳେ ନିକଟରେ କୌଣସି ଫାଣ୍ଡି ନାହିଁ। ଏଠାରେ ଫାଣ୍ଡି ପ୍ରତିଷ୍ଠା ପାଇଁ ଏସପି, ଜିଲାପାଳ ଓ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସରପଞ୍ଚ ତରାଇ ସୂଚନା ଦେଇଛନ୍ତି ।

# ସିଡିଏମ୍‌ଓଙ୍କ ଚାନ୍ଦୋଳ ପିଏଚ୍‌ସି ପରିଦର୍ଶନ

**ଡେରାବିଶ,୧୩।୧୧(ସ୍ୱ.ପ୍ର.)**

ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ପୂର୍ବାହ୍ନ ୧୦ଟାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉର୍ମିଳା ମିଶ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ସେଠାରେ କାର୍ଯ୍ୟରତ ଆୟୁଷ ମେଡ଼ିକାଲ୍ ଅଫିସର, ଫାର୍ମାସିଷ୍ଟ, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଟେଣ୍ଡାଣ୍ଟ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କର ଉପସ୍ଥାନ ଖାତା, ମେଡ଼ିସିନ ଷ୍ଟକ୍ ରେଜିଷ୍ଟର, ଚିକିତ୍ସାଳୟ ଭିତର ଓ ବାହାର ପରିବେଶର ପରିଷ୍କାର ପରିଚ୍ଛନ୍ନତା ନେଇ ତଦାରଖ କରିଥିଲେ । ଚିକିତ୍ସାଳୟରେ ନିରାମୟ ଔଷଧ ସମେତ ସ୍ୱତନ୍ତ୍ର ଭାବରେ ରକ୍ତଚାପ ଓ ମଧୁମେହ ରୋଗର ଔଷଧ ସମ୍ପର୍କରେ ବୁଝିଥିଲେ । ବୁଧବାର ଟୀକା କରଣ ଦିବସରେ ଟିକା ସଂରକ୍ଷଣ ଗୃହ, ଟିକା ରହିଥିବା ଫ୍ରିଜ୍‌କୁ ତନଖି କରିଥିଲେ । ପରେ ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ କର୍ମଚାରୀମାନଙ୍କ ଠାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଦୀର୍ଘ ତିନିବର୍ଷ ଧରି ରୋଗୀ କଲ୍ୟାଣ ସମିତିର ଅନୁଦାନ ଖର୍ଚ୍ଚ ହୋଇ ନ ପାରିବା, ଡ୍ରେସିଂରୁମ୍ ସମେତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।


ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସିଡିଏମଓ ଉର୍ମିଳା ମିଶ୍ର ଓ ଅନ୍ୟ ଅଧିକାରୀମାନେ।

# ପୋଖରୀ, ନଦୀରେ ଭାସୁଛି ଅସଂଖ୍ୟ ଥର୍ମୋକୁଲ ଡଙ୍ଗା

**କେନ୍ଦ୍ରାପଡା ଅଫିସ, ୧୨।୧୧**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟ ସାରା ଡଙ୍ଗା ଭସା ହୋଇଛି । ବିଭିନ୍ନ ନଦୀ ପୋଖରୀରେ ରଙ୍ଗବେରଙ୍ଗର ଡଙ୍ଗା ଭସାଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରାଯାଇଛି । ତେବେ ସାଂପ୍ରତିକ ସମୟରେ କଦଳୀ ପଟୁଆ, କାଗଜ, ସୋଲ ଆଦିରେ ନିର୍ମିତ ଡଙ୍ଗାକୁ ଛାଡି ସଭ୍ୟ ସମାଜ ଥର୍ମୋକୁଲ ଡଙ୍ଗା ପ୍ରତି ଆଗ୍ରହ ଦେଖାଇଛନ୍ତି । ସ୍ୱଳ୍ପ ମୂଲ୍ୟରେ ସୁଦୃଶ୍ୟ ଡଙ୍ଗା ପରିବେଶ ପ୍ରତି କ୍ଷତିକାରକ ବୋଲି ଜାଣିବା ସତ୍ତ୍ୱେ ଏହାର ବ୍ୟବହାର ହେଉଛି । ଏହାର ବ୍ୟବହାର କମାଇବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଏ ସମ୍ପର୍କରେ ବୁଦ୍ଧିଜୀବୀ ବାନାମ୍ବର ସାହୁ କୁହନ୍ତି ଯେ, ନୌଇତିହାସର ଗାଥାକୁ ସ୍ମରଣ କଲେ ଜଣାଯାଏ ଯେ, ପୂର୍ବରୁ ବୈଶ୍ୟ ବଧୂମାନେ କାର୍ତ୍ତିକ ମାସରେ ବୋଇତ ବନ୍ଦାଣ କରି ପରିବାର ସଦସ୍ୟଙ୍କୁ ବିଦାୟ ଦେଉଥିଲେ । ଉତ୍କଳର ଏହି ପରମ୍ପରାକୁ ମନେ ରଖିବା ପାଇଁ ପ୍ରତୀକାତ୍ମକ ଭାବେ ଡଙ୍ଗା ଭସାଯାଉଛି । ଏଥିରେ ରାଜ୍ୟର ସମସ୍ତ ବର୍ଗ ସାମିଲ ହେବାରୁ ପିଢ଼ି ପରେ ପିଢ଼ି ନୌବାଣିଜ୍ୟ ଗାଥାକୁ ମନେ ପକାଉଛନ୍ତି । ଅପରପକ୍ଷରେ ସମୁଦ୍ର ଜଳ ପତ୍ତନ ବଢ଼ିବାରେ ଲାଗିଥିବା ବେଳେ ପାନୀୟ ଜଳର ପରିମାଣ କମି ଯାଉଛି । ପରିବେଶକୁ ନଷ୍ଟ କରୁଥିବା ଥର୍ମୋକୁଲର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରାଯାଇ ଏହି ପୂର୍ଣ୍ଣିମାକୁ ରାଜ୍ୟ ସରକାର ଜଳ ଉତ୍ସ ସୁରକ୍ଷା ଦିବସ ଭାବେ ପାଳନ କରିବା ଆବଶ୍ୟକ ହୋଇପଡିଛି । ସେହିପରି ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି ଯେ, ପୂର୍ବରୁ ଏହି ଉତ୍ସବ ପାଳନ ପାଇଁ କଦଳୀ ପଟୁଆ ବ୍ୟବହୃତ ହେଉଥିଲା । ଏହାଦ୍ୱାରା ଜଳ ଦୂଷିତ ହେଉ ନ ଥିଲା । ପରେ କେତେକ ପରିବାର ସୋଲରେ ଡଙ୍ଗା ନିର୍ମାଣ କରି ଆର୍ଥିକ ସ୍ଥିତିରେ ସୁଧାର ଆଣିଥିଲେ । ଏବେ ଥର୍ମୋକୁଲ ପ୍ରଚଳନ ଫଳରେ ଶିଳ୍ପ ମାଲିକ ଲାଭ ପାଉଛନ୍ତି । ଥର୍ମୋକୁଲକୁ ସରକାର ବେଆଇନ ବୋଲି ଘୋଷଣା କରିଛନ୍ତି । ଏହା ସତ୍ତ୍ୱେ ଏହାର ପ୍ରଚଳନ ଚାଲିଛି । ପୋଖରୀ, ଗଡିଆରେ ଭସା ଯାଉଥିବା ଥର୍ମୋକୁଲ ଡଙ୍ଗା ପରବର୍ତ୍ତୀ ସମୟରେ ଭାଙ୍ଗି ଯାଇ ଶିଉଳି ଲାଗୁଛି । ଏହି ଶିଉଳି ଲଗା ଥର୍ମୋକୁଲ ପାଇଁ ଅନେକ ସମୟରେ ଅଘଟଣ ଘଟୁଛି । ସେହିପରି ଥର୍ମୋକୁଲର କ୍ଷୁଦ୍ର ଅଂଶକୁ ଜଳଚର ଜୀବ ଆହାର କରିବା ପରେ ମୃତ୍ୟୁମୁଖରେ ପଡିବା ଦେଖିବାକୁ ମିଳୁଛି । ପରମ୍ପରାକୁ ଧରି ରଖିବା ପାଇଁ ପୂର୍ବ ପରି ପ୍ରାକୃତିକ ସାମଗ୍ରୀର ବ୍ୟବହାରକୁ ଗୁରୁତ୍ୱ ଦେବା ଆବଶ୍ୟକ ହୋଇଛି । ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କୁହନ୍ତି ଯେ, ପ୍ରଦୂଷଣକାରୀ ଥାର୍ମୋକୁଲ ଏବେ ଜଳଭାଗକୁ ଆବୋରି ବସିଛି । ଥାର୍ମୋକୁଲ ଡଙ୍ଗାରେ ବ୍ୟବହୃତ ରାସାୟନିକ ରଙ୍ଗ ଓ ଲୁହା କଣ୍ଟା ଏବେ ବିପଦ ସାଜିଛି । ଆଗାମୀ ଦିନରେ ଥର୍ମୋକୁଲ ଡଙ୍ଗା ଭସାଣକୁ ବର୍ଜନ କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି ।


କେନ୍ଦ୍ରାପଡା ସହରର ଏକ ପୋଖରୀରେ ଭାସୁଥିବା ଥର୍ମୋକୁଲ ଡଙ୍ଗା।

## ସଂକ୍ଷେପରେ

### ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ଆୟୋଗଙ୍କ ପାରାଦୀପ ଗସ୍ତ



**ପାରାଦୀପ,୧୩।୧୧(ସ୍ୱ.ପ୍ର.):** ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ଆୟୋଗ ସୁଶ୍ରୀ ମନ୍ଦାକିନୀ କର ବୁଧବାର ଔପଚାରିକଭାବେ ପାରାଦୀପ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଲକ୍‌ଥାନା ଅନ୍ତର୍ଗତ ଶ୍ରୀଲୋକନାଥ ଶିକ୍ଷାଶ୍ରମ, ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ଶିଶୁଙ୍କୁ ଭେଟିଥିଲେ। ଶିକ୍ଷାଶ୍ରମରେ ପିଲାଙ୍କ ପାଇଁ ଥିବା ଆବାସିକ ସ୍ଥାନ, ରୋଷେଇ ଆଦି ଦେଖିଥିଲେ। ପରେ ସେ ଚେଲିତୋଳ ବାଲିଯାତ୍ରାରେ ଅତିଥିଭାବେ ଯୋଗ ଦେଇଥିଲେ।

### ଯୁବକଙ୍କ ଆତ୍ମହତ୍ୟା

**ପାରାଦୀପ,୧୩।୧୧(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ଅଧୀନ ନିମିଡ଼ି ଗ୍ରାମର ଏକ ୟୁନିୟନ୍ ଅଫିସ ନିକଟ ଓସ୍ତଗଛରେ ରଶିଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କଟକ ଜିଲା ବଡ଼ମ୍ବା ଥାନା କଙ୍କଡ଼ାପୋଡ଼ି ପଞ୍ଚାୟତ ଅଧୀନ ହରିଠା ଗ୍ରାମର ବିଶ୍ୱନାଥ ବେହେରା(୨୦) ବିଶ୍ୱନାଥ ଏକ ଟ୍ରକ୍ ହେଲପର ଭାବେ କାର୍ଯ୍ୟ କରନ୍ତି। ବୁଧବାର ପ୍ରତ୍ୟୁଷରେ ତାଙ୍କ ମୃତଦେହ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଖୋଳତାଡ଼ କରିବା ପରେ ଯୁବକଙ୍କ ପରିଚୟ ମିଳିଥିଲା। ଏହାପରେ ପୋଲିସ ଯୁବକଙ୍କ ପରିବାରକୁ ଖବର ଦେଇଥିଲା। ସେମାନେ ପହଞ୍ଚିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ନଂ-୧୫/୧୯ରୁଜୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତେବେ ଏହା ଏକ ପ୍ରେମ ଜନିତ ଘଟଣା ବୋଲି କୁହାଯାଉଛି। କାରଣ ଯୁବକ ଜଣକ ଛାତିରେ ଜଣେ ଯୁବତୀଙ୍କ ନାମ ଲେଖିବା ସହ ଇଂଲିଶରେ ଭଲପାଏ ବୋଲି ଲେଖିଥିବା ଦେଖିବାକୁ ମିଳିଥିଲା।

### ସଂସ୍କୃତି ବଞ୍ଚିଲେ ଦେଶ ବଞ୍ଚିବ: ବାବା ବଳିଆ

**ତିର୍ତ୍ତୋଲ,୧୩।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ ତାରତୋଳ ଭଗବତୀ ପୀଠ ମହାନଦୀ କୂଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ୧୮ତମ ବାର୍ଷିକ ଚନ୍ଦ୍ର ବନ୍ଦାପନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମର ପୂଜ୍ୟ ପୂଜକ ବାବା ବଳିଆ ଯୋଗଦେଇ ସଂସ୍କୃତି ଓ ପରମ୍ପରା ହିଁ ଦେଶର ମେରୁଦଣ୍ଡ। ତେଣୁ ସଂସ୍କୃତି ବଞ୍ଚିଲେ ଦେଶ ବଞ୍ଚିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ପ୍ରାଚୀନ କଳିଙ୍ଗ ସାଧବପୁଅଙ୍କ ନୌବାଣିଜ୍ୟ ପରମ୍ପରାକୁ ମନେପକାଇ କହିଥିଲେ, ବର୍ତ୍ତମାନର ତିର୍ତ୍ତୋଲ ଓ ତାରତୋଲ ଅଞ୍ଚଳ ହିଁ ସେ ସମୟର କଳିଙ୍ଗ ବନ୍ଦର ଅଞ୍ଚଳ ଥିଲା। ଚେଲିତୋଳ ହିଁ କଳିଙ୍ଗର ମୁଖଶାଳାଥିଲା। ଅତୀତର ନୌବାଣିଜ୍ୟ ହିଁ ଓଡ଼ିଶାର ସାଂସ୍କୃତିକ ବୈଭବ ରୂପେ ଗଣିତ ହେଉଥିଲା। ଏହିଅବସରରେ ଡଙ୍ଗା ଭସାଇବା ସହ ଉଦିତ ସୂର୍ଯ୍ୟଙ୍କୁ ବାବା ବଳିଆ ବନ୍ଦାପନା କରିଥିଲେ।

## ଜଗତ୍‌ସିଂହପୁର ଜିଲା ଦଳିତ ବିକାଶ ସଂଘର ଖବରଦାତା ସମ୍ମିଳନୀ

# ମୃତ ଯୁବତୀଙ୍କୁ ନ୍ୟାୟ ନ ମିଳିଲେ ରାସ୍ତାକୁ ଓହ୍ଲାଇବୁ

**ନାଉଗାଁ,୧୩।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ତିରୁଣା ପଞ୍ଚାୟତ ଅଞ୍ଚଳରେ ଗତ ୭ ତାରିଖ ଦିନ ଆତ୍ମହତ୍ୟା କରିଥିବା ଜଣେ ଯୁବତୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ଜୋର ଧରିଛି। ଏହିକ୍ରମରେ ଜଗତ୍‌ସିଂହପୁର ଜିଲା ଦଳିତ ବିକାଶ ସଂଘ ପକ୍ଷରୁ ବୁଧବାର ନାଉଗାଁ ବ୍ଲକ ଛକଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ସମ୍ମିଳନୀରେ ସଂଘ ସଭାପତି ଶଙ୍କର ଦାସ, ସମ୍ପାଦକ ଅକ୍ଷୟ ମଲ୍ଲିକ, ମୃତ ଯୁବତୀଙ୍କ ମା'ବାପା ଉପସ୍ଥିତ ଥିଲେ। ଏଥିରେ ଅଭିଯୋଗ କରାଯାଇଛିଯେ, ମୃତ ଯୁବତୀଙ୍କ ମା'ଥାନାରେ ଦେଇଥିବା ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନି। ଏପରି କି ଯୁବତୀଙ୍କୁ ଅଞ୍ଚଳର ଦୀପକ ବେହୁରା ବାରମ୍ବାର ଅଶ୍ଳୀଳ ଇଙ୍ଗିତ କରୁଥିବା ନେଇ ୬ମାସ ତଳେ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଫଳରେ ଯୁବତୀ ଲୋକଲଜ୍ଜା ସହି ନ ପାରି ଆତ୍ମହତ୍ୟା ପନ୍ଥା ଆପଣାଇ ନେଲେ। ସରକାର ଥାନାରେ ୫-ଟି ଓ ମୋସରକାର ଯୋଜନା ଲାଗୁ କରିଥିଲେ ମଧ୍ୟ ନାଉଗାଁ ଥାନାରେ ତା'ର ବ୍ୟତିକ୍ରମ ଦେଖାଯାଇଛି। ଯୁବତୀଙ୍କ ପରିବାର ଦଳିତ ଶ୍ରେଣୀର ହୋଇଥିଲେ ମଧ୍ୟ ମାମଲା ରୁଜୁବେଳେ ଅନୁସୂଚିତ ଜାତି ଓ ଜନଜାତି ଆକ୍ଟକୁ ଉପେକ୍ଷା କରାଯାଇଛି। ଯୁବତୀଙ୍କ ପରିବାରର ଗୁଣ୍ଠେ ବି ଜମି ନାହିଁ। ସେମାନେ ସରକାରୀ ସ୍ଥାନରେ ରହୁଛନ୍ତି। ତେଣୁ ଏହି ପରିବାରକୁ ବସୁନ୍ଧରା ଯୋଜନାରେ ବାସଗୃହ, ଅନୁସୂଚିତ ଜାତି ଓ ଜନଜାତି ଆଇନ ଅନୁସାରେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ସଂଘ ନ୍ୟାୟ ପାଇଁ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ବିଷୟରେ ସଂଘ ସଭାପତି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ ମାଧ୍ୟମରେ ଅବଗତ କରାଇଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେହିପରି ଗତ ୧୧ ତାରିଖରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଦସ୍ୟ ଯୁବତୀଙ୍କ ପରିବାରକୁ ସୁରକ୍ଷା ପ୍ରଦାନ ପାଇଁ ଏକ ଦାବିପତ୍ର ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ ରଙ୍ଗରାଜନ ଓ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କରଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରକୁ ଅରବିନ୍ଦ ମଲ୍ଲିକ, ରତ୍ନାକର ତରାଇ, ବିଜୟ ଦାସ, ସୁନାକର ସେଠୀ, ଟୁକୁନା ଦାସ, ରୋହିତ ଦାସ, ମିନତୀ ଦାସ ଓ କାହ୍ନୁ ଦାସଙ୍କ ସମେତ ଯୁବତୀଙ୍କ ପରିବାର ସଦସ୍ୟ ପ୍ରଦାନ କରିଥିଲେ। ତେବେ ନ୍ୟାୟ ପ୍ରଦାନରେ ବିଳମ୍ବ ହେଲେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜାରାସ୍ତାକୁ ଚେତବାନୀ ଦେଇଛି। ଏ ସମ୍ପର୍କରେ ଥାନା ଅଧିକାରୀ କରଙ୍କୁ ପଚାରିବାରେ ସେ କହିଥିଲେ, ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମାମଲା ନଂ-୧୬୫/୧୯ ଅନୁସାରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ତଦନ୍ତ ଜାରି ରହିଛି। ନିଶ୍ଚିନ୍ତ ଯୁବତୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ସମ୍ପୃକ୍ତ ଯୁବତୀଙ୍କୁ ଯୁବକ ଜଣଙ୍କ ବିଭିନ୍ନ ସମୟରେ ହଇରାଣ କରୁଥିଲେ। ଫଳରେ ସେ ଲୋକଲଜ୍ଜା ସହି ନ ପାରି ଗତ ୭ତାରିଖ ଦିନ ଆତ୍ମହତ୍ୟା କରିଥିଲେ।



ଚେଳତୋଳ ବାଲିଯାତ୍ରା ସାଂସ୍କୃତିକ ସନ୍ଧ୍ୟାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଚେଲିତୋଳ ବାଲିଯାତ୍ରାର ସାଂସ୍କୃତିକ ସନ୍ଧ୍ୟା

**ତିର୍ତ୍ତୋଲ,୧୩।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ଗୋପୀଆକୁଦ ମହାନଦୀ ବେଳାଭୂମିରେ ଆରମ୍ଭ ହୋଇଥିବା ଚେଲିତୋଳ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାର ସାଂସ୍କୃତିକ ଉତ୍ସବ ବିଧାୟକ ବିଷ୍ଣୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରି ଯେଉଁ ଜାତି ନିଜ ଅତୀତ ଇତିହାସର ସ୍ମୃତି ଚାରଣ କରେନା ସେ ଜାତିର ବର୍ତ୍ତମାନ ଓ ଭବିଷ୍ୟତ ଅନ୍ଧକାର ବୋଲି କହିଥିଲେ। ମୁଖ୍ୟବକ୍ତା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଡ. ମିନତୀ ବେହେରା ତାଙ୍କ ବକ୍ତବ୍ୟରେ ଉତ୍କଳୀୟ କଳା ସଂସ୍କୃତି ନୌବାଣିଜ୍ୟ ପରମ୍ପରାର ଉତ୍କର୍ଷତାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ବିଜୁ ପଟ୍ଟନାୟକ ପ୍ରମୁଖ ଗ୍ରହଣ କରିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି ଓ ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତ ବଳ, ତିର୍ତ୍ତୋଲ ବ୍ଲକ ଉପାଧ୍ୟକ୍ଷ ଆଶିଷ ସେଠୀ, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ ଓ ଲିପାଲି ରାଉଳ ପ୍ରାଚୀନ ଉତ୍କଳ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରିଥିଲେ। ସ୍ୱତନ୍ତ୍ର ଅତିଥି ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ ସାହୁ ତାଙ୍କ ବକ୍ତବ୍ୟରେ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହିଅବସରରେ ଅତିଥିଙ୍କୁ ଚେଲିତୋଳ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଲ ଇଣ୍ଡିଆ ରେଡିଓର ଉପସ୍ଥାପକ ସୌମ୍ୟରଞ୍ଜନ ନାୟକ ଓ ଉପସ୍ଥାପିକା ଲିପ୍ସା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିମଳ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅମରଜ୍ୟୋତି ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଦୀପ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ରମାକାନ୍ତ ରାଉଳଙ୍କ ନେତୃତ୍ୱରେ ମା'ଶାରଳାଙ୍କ ଘଟ ନୃତ୍ୟ ଓ ପରେ ଲୋକ ନୃତ୍ୟ ଏବଂ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୂରଣଠାରେ ଫାଣ୍ଡି ପ୍ରତିଷ୍ଠା ଦାବି

**ବାଲିଆ,୧୩।୧୧**

ବିରିଡି ଥାନା ଅନ୍ତର୍ଗତ ୨୨ମୌଜାର ପୂରଣଠାରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ବାଇଶି ମୌଜା ବରିଷ୍ଠ ନାଗରିକ ମଞ୍ଚ ପୂରଣ ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ବିରିଡି ଆଇଆଇସି ପାରାଓ ଟୁଡୁଙ୍କୁ ସଭ୍ୟ ସୁଦର୍ଶନ ଭୋଇ ପ୍ରଦାନ କରିଛନ୍ତି। ୨୨ ମୌଜା ବିରିଡି ଥାନାଠାରୁ ଅଧିକ ଦୂର ହେଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ଧରି ୨୨ ମୌଜା ବରିଷ୍ଠ ନାଗରିକ ମଞ୍ଚ, ଅବସର କର୍ମଚାରୀ ସଂଘ, ବୁଦ୍ଧିଜୀବୀ, ବିଭିନ୍ନ ବ୍ୟବସାୟୀ ସଂଘ ଓ ଜନସାଧାରଣ ଏହି ଦାବି କରିଆସୁଛନ୍ତି।



ବିରିଡ଼ି ଥାନା ଅଧିକାରୀଙ୍କୁ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି।

ବିଭିନ୍ନ ସମୟରେ ୨୨ ମୌଜା ଅଞ୍ଚଳରେ ଚୋରି, ରାହାଜାନି ଓ ନିଶା କାରବାର ବ୍ୟାପକ ମାତ୍ରାରେ ବୃଦ୍ଧି ପାଉଥିବାରୁ ସେଠାକାର ଜନସାଧାରଣ ଭୟରେ ରହୁଛନ୍ତି। ଗତ ମାସ ୨୬ ତାରିଖରେ ପୂରଣ ହାଟ ବଜାରରୁ ୬ ଦୋକାନ ସଟର ତାଡି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଓ ବହୁ ସାମଗ୍ରୀ ଲୁଟି ନେଇଥିଲେ। ଏହାଦ୍ୱାରା ବହୁ ବ୍ୟବସାୟୀ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ତେଣୁ ୨୨ ମୌଜାର ସମସ୍ତ ୬ ପଞ୍ଚାୟତରେ ବସବାସ କରୁଥିବା ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଫାଣ୍ଡି ପ୍ରତିଷ୍ଠା କରିବାକୁ ଦାବି କରୁଛି ବୋଲି ମଞ୍ଚ ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ କହିଛନ୍ତି।

## ମା'ଜଗୁଲାଇଙ୍କ ପୀଠରେ ମୁରୁଜ ପ୍ରତିଯୋଗିତା



ମୁରୁଜ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ସହ ଉପସ୍ଥିତ ଅତିଥି।

**ବାଲିଆ,୧୩।୧୧**

ବିରିଡି ବ୍ଲକ ଅଧୀନ ଶଢ଼େଇ ଶାସନ ପଞ୍ଚାୟତ ଦଣ୍ଡିଲୋଠାରେ ଥିବା ମା'ବୁଢ଼ିଜାଗୁଳାଇ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମା' ବୁଢି ଜାଗୁଳାଇ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସରପଞ୍ଚ ଅମିତ ରାଉଳ ଓ ଗୋପାଳ ଚନ୍ଦ୍ର ଓଝା ସଞ୍ଚାଳନା କରିଥିଲେ। ଏଥିରେ ଆଳିପିଙ୍ଗଳ, ରମ୍ଭାଦେଇପୁର, ଦୋବନ୍ଦି, ଦଣ୍ଡିଲୋ, ଶଢେଇଶାସନ ଆଦି ଅଞ୍ଚଳରୁ ୨୩ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୨ବର୍ଷରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ସିନିୟର ଓ ସେଥିରୁ କମ୍ ବୟସ ପ୍ରତିଯୋଗୀଙ୍କୁ ଜୁନିୟର ଗ୍ରୁପରେ ନିଆଯାଇଥିଲା। ସମସ୍ତ ପ୍ରତିଯୋଗୀ ମୁରୁଜରେ ଛବି ଆଙ୍କିଥିଲେ। ବିଚାରକଭାବେ ନୃସିଂହ ଚରଣ ନାୟକ, ବିକ୍ରମ ସାହୁ ଉପସ୍ଥିତ ଥିଲେ। ସିନିୟରରେ ୧ମ ଜ୍ୟୋତିର୍ମୟୀ ରଣା, ୨ୟ ସ୍ମୃତିରେଖା ବେହେରା, ୩ୟ ସ୍ମୃତିରେଖା ଓଝା ଏବଂ ଜୁନିୟରରେ ୧ମ ସିମିରେନ ସାହୁ, ୨ୟ ପ୍ରଜ୍ଞାପରମିତା ସାହୁ, ଦିପ୍ତୀମୟୀ ଓଝା ୩ୟ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚ ଅମିତ ରାଉଳ, ଶିବନାରାୟଣ ଜେନା, ଗୋପାଳ ଓଝା, ବିକ୍ରମ ସାହୁ, ଶ୍ରୀକାନ୍ତ ସାହୁ, ନିବାରଣ ସେଠୀ, ଭାସ୍କର ଓଝା, ସନ୍ତୋଷ ବେହେରା, ଦୀପକ ରାଉତ, ଲିଙ୍ଗରାଜ ସାହୁ, ବାମଦେବ ବେହେରା, ହରେକୃଷ୍ଣ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଅନ୍ୟ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ୫ବର୍ଷର ପ୍ରତିଯୋଗୀ ସ୍ୱପ୍ନାପ୍ରିୟଦର୍ଶିନୀ ସାହୁଙ୍କୁ ସ୍ୱତନ୍ତ୍ରଭାବେ ସରପଞ୍ଚ ରାଉଳ ପୁରସ୍କୃତ କରିଥିଲେ।

## ଗାଁ ପାଇଁ ଘଣ୍ଟାଏ କାର୍ଯ୍ୟକ୍ରମ

**ରଘୁନାଥପୁର, ୧୩।୧୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରାଢଙ୍ଗ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଗାଁ ପାଇଁ ଘଣ୍ଟାଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବବାହିନୀ ସଦସ୍ୟ ସ୍ଥାନୀୟ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିସରରେ ବୃକ୍ଷରୋପଣ କରିବା ସହ ବୃକ୍ଷକୁ ନିଜର ସାଥୀ ଭାବେ ଏହାର ସମସ୍ତ ଦାୟିତ୍ୱ ହାତକୁ ନେଇଛନ୍ତି। ଏହାଛଡା ରାସ୍ତା ସଫାସୁତରା କରିବା ସହ ବାଇକ୍ ଚାଳକଙ୍କୁ ହେଲମେଟ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ଅନୁରୂପ ଭାବେ ଗାଁର ଯୁବତୀଯୁବକ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ସଚେତନତା ଓ ଶିକ୍ଷାଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଯୁବବାହିନୀର ଏହି ଆଭିମୁଖ୍ୟକୁ ପ୍ରଶଂସା କରାଯିବା ସହ ଆବଶ୍ୟକ ସ୍ଥଳେ ସମସ୍ତ ଗ୍ରାମବାସୀ ସହଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି। ଏଥିରେ ବଟମହାପୁରୁଷ ବିଜୁ ଯୁବବାହିନୀର ସଭାପତି ଅମରେଶ ରାଉତ, କୋଷାଧ୍ୟକ୍ଷ ଅଭିଷେକ ମହାନ୍ତି, ତାପସ ସେଠୀ, ବିଶ୍ୱଜିତ୍ ନାୟକ, ସାଇ ସମର୍ପିତା ବାରିକ, ଅଲେଖି ଦାସ, ଦୁର୍ଗା ପ୍ରସାଦ ଦାସ, ପ୍ରତାପ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଶିଶୁ ନିରୀକ୍ଷକଙ୍କ ହୋଟେଲରେ ଚଢାଉ

**ରଘୁନାଥପୁର, ୧୩।୧୧ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ଗ୍ରାମୀଣ ନିରୀକ୍ଷକ ଓ ସିଡବ୍ଲୁସିଙ୍କ ସହ ରଘୁନାଥପୁର ଥାନା ପୋଲିସ ମିଳିତ ଉଦ୍ୟମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ହୋଟେଲ ଓ ଢାବାରେ ଚଢାଉ କରାଯାଇଥିଲା। ହୋଟେଲ ଓ ଢାବାରେ ନାବାଳକଙ୍କୁ ଶ୍ରମିକ ଭାବେ ନିୟୋଜିତ କରାଯାଉଥିବାର ସୂଚନା ପାଇ ଗ୍ରାମ୍ୟ ଶିଶୁ ନିରୀକ୍ଷକ ସନ୍ତୋଷ ମହାନ୍ତି, ସିଡବ୍ଲୁସି ଅଧିକାରୀ ଧ୍ରୁବଚରଣ ଓଝା, ଏଏସ୍‌ଆଇ ସୁବାସ ଦାସଙ୍କ ସହାୟତାରେ ଚଢାଉ କରିଥିଲେ। ରଘୁନାଥପୁର ଅଞ୍ଚଳରେ ଥିବା ହୋଟେଲରୁ ୨ଜଣଙ୍କୁ ଚିହ୍ନଟ କରିଥିବା ବେଳେ ତାରପୁର ବାଇପାସରେ ଏକ ହୋଟେଲରୁ ନରସିଂହପୁର ଥାନା ଦେବଭୂମି ଅଞ୍ଚଳର ଜଣେ ପିଲାଙ୍କୁ ଉଦ୍ଧାର କରିଥିଲେ। ଥାନାରେ ଯାଞ୍ଚ କରିବା ପରେ ସେ ନାବାଳକ ଥିବା ଜଣାପଡିଥିଲା। ଅନ୍ୟ ଦୁଇ କିଶୋରନଗର ଥାନା ଉତ୍ତରକୂଳ ଗାଁର ଜଣେ ଓ ରଘୁନାଥପୁର ଥାନା ଜଗନ୍ନାଥପୁର ଗାଁର ଜଣେ ନାବାଳକଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ମହିଳାଙ୍କୁ ଛତୁଚାଷ ସମ୍ପର୍କରେ ତାଲିମ

**ରଘୁନାଥପୁର, ୧୩।୧୧ (ଡି.ଏନ.ଏ.)**

ଉଦ୍ୟାନ ବିଭାଗ ପକ୍ଷରୁ ମିଶନଶକ୍ତି ଜରିଆରେ ଏସ୍‌ଏଚଜି ମହିଳାଙ୍କୁ ଛତୁଚାଷ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାଗୃହରେ ବିଭିନ୍ନ ଗ୍ରୁପର ୧୦ ମହିଳା ଏହି ତାଲିମ ନେଉଛନ୍ତି। ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଶୁଭଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କୃଷି ବିଜ୍ଞାନ କେନ୍ଦ୍ର ନିମକଣା ପକ୍ଷରୁ ବୈଜ୍ଞାନିକ ବିଜୟ ରାଉତରାୟ ବୁଧବାର ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ସିଡିପିଓ ଜୋସ୍ନାରାଣୀ ମଲ୍ଲିକ, ମିଶନ ଶକ୍ତିର ମୁଖ୍ୟ ସ୍ନେହପ୍ରିୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମହିଳା ଏଠାରୁ ତାଲିମ ପାଇ ନିଜ ଘରେ ଛତୁ ଚାଷ କରିବାକୁ କହିଥିଲେ। ଏଥିପାଇଁ ଛତୁ ମଞ୍ଜି ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ତାଲିମ ସମୟରେ ପ୍ରତ୍ୟେକ ମହିଳାଙ୍କୁ ଖାଦ୍ୟପେୟ ସହ ଗସ୍ତ ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି। ମହିଳାମାନେ ଗ୍ରୁପ ଜରିଆରେ ଋଣ ନେଇ ଛତୁଚାଷ କରିବା ଏବଂ ଏଥିପାଇଁ ସମସ୍ତ ପ୍ରକାର ବୈଷୟିକ ଜ୍ଞାନ ଯୋଗାଇ ଦିଆଯିବ ବୋଲି ଅଧିକାରିଣୀ ମହାପାତ୍ର ପ୍ରକାଶ କରିଥିଲେ। ଅଧିକ ଜ୍ଞାନ ଆହରଣ ପାଇଁ ମହିଳାମାନଙ୍କୁ ଛତୁ ଉତ୍ପାଦନ ସ୍ଥଳ ସଅଁରା ଓ ରେଡ୍ଡୁଆ ଅଞ୍ଚଳକୁ ପରିଦର୍ଶନରେ ନିଆଯାଇଥିଲା। କବିନ୍ଦ୍ରନାଥ ସାହୁ ତାଲିମସ୍ଥଳରେ ରହି ସମସ୍ତ ସହଯୋଗ ଯୋଗାଇ ଦେଇଥିଲେ।

## ନିଆରା ଢଙ୍ଗରେ କାର୍ତ୍ତିକ ପୂର୍ଣ୍ଣମୀ ପାଳନ



କାର୍ତ୍ତିକ ଇନ୍ଦିରା ସ୍ମାରକୀ ଯୁବକ ସଂଘ ପକ୍ଷରୁ ରାମକୃଷ୍ଣ ସେବାଶ୍ରମ ସଫେଇ କରାଯାଉଛି।

**ନାଉଗାଁ,୧୩।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ଗ୍ରାମର ଇନ୍ଦିରା ସ୍ମାରକୀ ଯୁବକ ସଂଘ ପକ୍ଷରୁ ନିଆରା ଢଙ୍ଗରେ କାର୍ତ୍ତିକ ପୂର୍ଣ୍ଣମୀ ପାଳନ କରାଯାଇଛି। ସଂଘ ସଦସ୍ୟମାନେ ଡଙ୍ଗା ଭସାଇବା ସହିତ ଗୋଡିଡିହସ୍ଥିତ ରାମକୃଷ୍ଣ ସେବାଶ୍ରମ ପରିସରକୁ ସଫେଇ କରିଥିଲେ। ପରିବେଶ ସଫା ରଖିବାର ବାର୍ତ୍ତାନେଇ ସଂଘ ସଦସ୍ୟ ଏହି କାର୍ଯ୍ୟକ୍ରମ କରିଥିଲେ। ଏହାକୁ ସଂଘ କୋଷାଧକ୍ଷ ଦେବବ୍ରତ ତ୍ରିପାଠୀ ପରିଚାଳନା କରିଥିଲେ।

## ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଯାପିତ

**ରଘୁନାଥପୁର, ୧୩।୧୧ (ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବୋଇତ ବନ୍ଦାଣ ମହୋତ୍ସବ ବୁଧବାର ଶେଷ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ଉତ୍ତରକୂଳ ସରପଞ୍ଚ ଦିଲୀପ ବିଶ୍ୱାଳ, ମହମଦପୁର ସରପଞ୍ଚ ସରୋଜ କୁମାର ବେହେରା, ପୂର୍ବତନ ସରପଞ୍ଚ ସୁରେନ୍ଦ୍ରନାଥ ଖୁଣ୍ଟିଆ, ଅଧ୍ୟାପକ ବିନୟ ଦାସ ଓ କମିଟିର ସଭାପତି ମନୋଜ କୁମାର ମହାନ୍ତି ଉପସ୍ଥିତ ଥିଲେ। ଉତ୍ସବରେ ବିଧାୟକ ବେହେରା ଯୋଗଦେଇ ସଂସ୍କୃତି ପରମ୍ପରା ଓଡ଼ିଆ ଜାତିର ଗର୍ବଗୌରବ ବୋଲି ମତପ୍ରକାଶ କରିଥିଲେ। କମିଟିର ସଭାପତି ମହାନ୍ତି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଧାୟକ ବେହେରା ଆସନ୍ତାବର୍ଷ ବୋଇତ ବନ୍ଦାଣ ପାଇଁ ଏକ ନୂଆ ଡଙ୍ଗା ପ୍ରଦାନ କରିବାକୁ କହିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଥିଲା।



ବୋଇତ ବନ୍ଦାଣ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଓ ଅନ୍ୟ ଅତିଥି ଉପସ୍ଥିତ।

## ସିଆଳି ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ

# ସଂସ୍କୃତି, ଐତିହ୍ୟ ବଜାୟ ରଖିବା ଆମ କର୍ତ୍ତବ୍ୟ

**ଏରସମା,୧୩।୧୧(ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ସିଆଳି ସମୁଦ୍ର ବେଳାଭୂମିରେ ସିଆଳି ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ସଂସ୍କୃତି ଓ ଐତିହ୍ୟକୁ ବଜାୟ ରଖିବା ପାଇଁ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ। ଏରସମା ରଜମହୋତ୍ସବ କମିଟି ଓ ବାଲିଯାତ୍ରା ମହୋତ୍ସବ କମିଟି



ସିଆଳି ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ବିଡିଓ ମୂରଲୀଧର ସ୍ୱାଇଁ, ଆଇନଜୀବୀ ସୁଧୀର ମହାନ୍ତି, ପ୍ରଦୀପ୍ତ ପ୍ରଧାନ, କୃଷକନେତା ଜୟନ୍ତ କୁମାର ବିଶ୍ୱାଳ ଓ ସୁଶୀଳ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ନୂତନଭାବେ କରାଯାଇଥିବା ବାଲିଯାତ୍ରା ଉତ୍ସବର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ ହସ୍ପିଟାଲ ପକ୍ଷରୁ ଚାରାରୋପଣ



ପଟ୍ଟାମୁଣ୍ଡାଇ, ୧୩।୧୧ (ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ହସ୍ପିଟାଲ ପକ୍ଷରୁ ବ୍ଲକ କଲୋନୀରେ ଚାରା ରୋପଣ କରାଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଅଧିକାରୀ ଡା. ନିରାକାର ପରିଡ଼ା ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ। ଏଥିରେ ଡାକ୍ତରଖାନାର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ରୀଧର ମଲିକ, ବି ପରିଚାଳକ ଶୁଭାଶିଷ ବିହାରୀ, ଦୀପକ ମହାରଣା, ନୃସିଂହ ଦାସ ଓ ଅନ୍ୟ କର୍ମଚାରୀଙ୍କ ସହିତ ବନ ବିଭାଗ କର୍ମଚାରୀମାନେ ସାମିଲ ହୋଇଥିଲେ। ମାନବାଧିକାର କାଉନସିଲ୍‌ର କେନ୍ଦ୍ରାପଡା ଜିଲା ମୁଖ୍ୟ ପ୍ରତାପ ଚନ୍ଦ୍ର ପାଢ଼ି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପାଶ୍ଚାତ୍ୟ ସଂସ୍କୃତିରେ ବାନ୍ଧି ହେଉଛନ୍ତି ଯୁବପିଢ଼ି

ପଟ୍ଟାମୁଣ୍ଡାଇ, ୧୩।୧୧ (ସ୍ୱ.ପ୍ର): ପାଶ୍ଚାତ୍ୟ ସଂସ୍କୃତିର ମାୟାଜାଲରେ ଆମ ସମାଜ ଧୀରେ ଧୀରେ ଛନ୍ଦି ହୋଇପଡ଼ିଛି। ଆଜିର ଯୁବ ସମାଜ ଆର୍ଯ୍ୟ ସଂସ୍କୃତିକୁ ଭୁଲି ପାଶ୍ଚାତ୍ୟ ଚାକଚକ୍ୟ ଭିତରେ ପରମ୍ପରାକୁ ଭୁଲି ଯାଉଛି। ଯାହା ଅନାହୂତ ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ଗାଁ ଗହଳିରେ ଆଉ ଭାଗବତ ଟୁଙ୍ଗି ଦେଖିବାକୁ ମିଳୁନି। ମାଳମାଳ କ୍ଲବ ଘର ଗଢ଼ି ଉଠୁଛି। ଯୁବସମାଜ ଗାଁ ପରମ୍ପରା ଭାଇଚାରା ସହିତ ନିଜକୁ ଆତ୍ମ ସମୀକ୍ଷା କଲେ ଗାଁ ତାର ପୂର୍ବ ଗୌରବ, ଗରିମା ଫେରି ପାଇବ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ପଞ୍ଚାୟତ ଗୁଣ୍ଡି ଗ୍ରାମରେ ଆୟୋଜିତ କାର୍ତ୍ତିକେଶ୍ୱର ପୂଜା ଓ ଗାଁ ମହୋତ୍ସବରେ ଅତିଥିମାନେ ମତ ଦେଇଛନ୍ତି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ଅସୀମାନନ୍ଦ ଦାସ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଜଗତପୁର ଠାକୁର ଅଭିରାମ ପରମହଂସ ଦେବଙ୍କ ସେବକ ଅଭୟ ବାବା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରକୃତିବନ୍ଧୁ ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଗୁଣ୍ଡି ଗ୍ରାମର ବରିଷ୍ଠ ସାମାଜିକ କର୍ମୀ ଅର୍ଜୁନ ଚରଣ ସିଂହ, କେଶବ ଚରଣ ପ୍ରଧାନ, କାଶୀନାଥ ସିଂହ, ମଧୁସୂଦନ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ହଂସୁଆ କଳା ପ୍ରତିଷ୍ଠାନର ନୃତ୍ୟ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବଜ୍ର ମହାକାଳୀ ପୂଜା କମିଟିର ସମରେନ୍ଦ୍ର ମହାନ୍ତି, ସୁଶାନ୍ତ ସୂତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ଦେବଦୂତ ସାଜିଲା ଅଗ୍ନିଶମ ବାହିନୀ



ପଟ୍ଟାମୁଣ୍ଡାଇ, ୧୩।୧୧ (ସ୍ୱ.ପ୍ର.) ବାତ୍ୟା ବୁଲ୍‌ବୁଲ୍ ପ୍ରଭାବରେ ଗତ ଶୁକ୍ରବାର ଓ ଶନିବାର ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ରାସ୍ତାରେ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିବା ସହିତ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଯାଇଥିଲା। ଯାତାୟାତ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିବା ବେଳେ ଶନିବାର ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ରାସ୍ତା ଅବରୋଧ ହଟାଇଥିଲେ। କର୍ମଚାରୀମାନେ ଜେସିବି ଉପରେ ଠିଆହୋଇ ମେସିନ୍ ସାହାଯ୍ୟରେ ଗଛ ଓ ଡାଳ କାଟିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର, ପାଳପାଟଣା, ଡାମରପୁର, ନିମପୁର, ଶାସନ, ଚନ୍ଦନନଗର, ମାଳିପୁର, ଦୋଶିଆ, ବଉଳାଙ୍ଗ, ବିଲିକଣା, ତେରୋହୀ, ଶ୍ରୀରାମପୁର ପ୍ରଭୃତି ଗ୍ରାମରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗଛ କାଟି ସଫା କରିଥିବା ଦେଖାଯାଇଛି। ସେହିପରି ରବିବାର ମଧ୍ୟ କେତେକ ଗ୍ରାମ ରାସ୍ତାରେ ପଡି ରହିଥିବା ଗଛ ଡାଳକୁ କର୍ମଚାରୀମାନେ କାଟି ରାସ୍ତା ସଫା କରିଥିଲେ। ଏହି ଟିମ୍‌ରେ ଅଗ୍ନିଶମ ବିଭାଗ ଇନ୍ସପେକ୍ଟର ଗୋପବନ୍ଧୁ ସାହୁ, ଫାୟାର୍ ମ୍ୟାନ୍ ରାମକ୍ରିଷ୍ଣ ପଣ୍ଡା, ଅତୁଲ୍ ମହାନ୍ତି, ଧ୍ରୁବ ଗୋଇ, ନବୀନ କିଶାନ, ଅରବିନ୍ଦ ଭୂୟାଁ, ସରୋଜ ସେଠୀ, ମହେଶ୍ୱର ପରିଡା, ସନ୍ତୋଷ ଶତପଥୀ, ସ୍ମୃତିରଞ୍ଜନ ମହାନ୍ତି, ସ୍ମୃତି ଦାସ, ଶ୍ରୀଧର ନାୟକ ପ୍ରମୁଖ ସାମିଲ ଥିଲେ। ଏହି ଦଳରେ ସମ୍ବଲପୁରର ୭ଜଣ କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ।

■ଚିଠି ହଜାଇ ଦେଲା ଜିଲା ସଂସ୍କୃତି ବିଭାଗ

# ମରାମତି ହୋଇପାରୁନି ଭାଗବତ ଟୁଙ୍ଗି

ପଟ୍ଟାମୁଣ୍ଡାଇ, ୧୩।୧୧ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ସଂସ୍କୃତି ବିଭାଗର ଟାଳଟୁଳ ନୀତି ପାଇଁ ୨୦୧୭ରୁ ପଟ୍ଟାମୁଣ୍ଡାଇ ବ୍ଲକର ୧୦ଟି ଭାଗବତ ଟୁଙ୍ଗି, ଠାକୁର ଟୁଙ୍ଗି ପାଇଁ ଆସିଥିବା ଅର୍ଥ ଏ ପର୍ଯ୍ୟନ୍ତ ପଡ଼ିରହିଛି। ହିତାଧିକାରୀମାନେ ବାରମ୍ବାର ପଟ୍ଟାମୁଣ୍ଡାଇ ବ୍ଲକ ଓ ଜିଲା ସଂସ୍କୃତି ବିଭାଗକୁ ଦୌଡି ଦୌଡ଼ି ନୟାନ୍ତ ହେଲେଣି। ମାତ୍ର ବିଭାଗୀୟ ଅଧିକାରୀ କେଉଁଠି ଚିଠି ହଜାଇ ଦେଇଥିବା ଖବର ପାଇ ହିତାଧିକାରୀମାନେ ହତାଶ ହୋଇପଡିଛନ୍ତି। ଖବର ନେବାରୁ ଜଣାଯାଇଛି ଯେ, ୨୦୧୬-୧୭ ମସିହାରେ ରାଜ୍ୟ ସରକାର ଓଡିଶାରେ ଥିବା ଭାଗବତ ଟୁଙ୍ଗି, ଠାକୁର ଘରଗୁଡିକର ପୁନରୁଦ୍ଧାର ପାଇଁ ଯୋଜନା କରିଥିଲେ। ସେହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ପେଣ୍ଠପାଳ ପଞ୍ଚାୟତର ଦାଣ୍ଡିସାହି ଠାକୁର ଟୁଙ୍ଗି, ଚନ୍ଦନନଗର ପଞ୍ଚାୟତର ତେତେଲଙ୍ଗା ଭାଗବତ ଟୁଙ୍ଗି, ଡିହାପଡ଼ା ପଞ୍ଚାୟତର କଟରାମଲ୍ଲ ଭାଗବତ ଟୁଙ୍ଗି, ବଡମୋହନପୁର ପଞ୍ଚାୟତର ପଣ୍ଡୁହୋତା ଚକ୍ରଧର କୋଠଘର, ଶାସନ ପଞ୍ଚାୟତର ନିମପୁର ମା'ଜାଡି ଠାକୁରାଣୀ ଭାଗବତ ଟୁଙ୍ଗି, ସାନଜରିଆ ପାୟତ ନିର୍ଗିନିପୁର ବାସୁଦେବ ଭାଗବତ ଗାଦି, ଗଙ୍ଗାରାମପୁର ପାୟତ ଗୁଣ୍ଡୁପୁର ଅନନ୍ତଗୋପାଳ ଭାଗବତ ଟୁଙ୍ଗି, ଖଡିଅଣ୍ଟା ପଞ୍ଚାୟତର ଓସଙ୍ଗରା ଭାଗବତ ଟୁଙ୍ଗି, ବଡମୂଳବସନ୍ତ ପଞ୍ଚାୟତର ପୋହଳ ଭାଗବତ ଗାଦି, ନରସିଂହପୁର ପଞ୍ଚାୟତର ଅଇନିପଡା ଭାଗବତ ଟୁଙ୍ଗି ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ୨୫ ହଜାର ଲେଖାଏଁ ଟଙ୍କା ଆସିଥିଲା। ଏହି ନିର୍ଦ୍ଦେଶ ମିଳିବା ପରେ ଦାଣ୍ଡିସାହିର ନାରାୟଣ ଚନ୍ଦ୍ର ବିଶ୍ୱାଳ, ତେତେଲଙ୍ଗାର ରାମଚନ୍ଦ୍ର ପ୍ରଶାନ୍ତ ପ୍ରଧାନ, ବାବାଜୀ ନାୟକ, ଦିଲୀପ ଚୌଧୁରୀ, ନବଘନ ପରିଡା, ସଞ୍ଜିତ ବେହେରାଙ୍କ ସମେତ ୧୦ଜଣ ହିତାଧିକାରୀ ବ୍ଲକ ଉନ୍ନୟନ ବିଭାଗ କିରାଣିଙ୍କୁ ଭେଟି ମରାମତି ବାବଦ ଅର୍ଥ ପ୍ରଦାନ କରିବାକୁ କହିଥିଲେ। ତେବେ ବାରମ୍ବାର ଏ ନେଇ ଯୋଗାଯୋଗ କରାଯାଇଥିଲେ ମଧ୍ୟ ହିତାଧିକାରୀମାନଙ୍କୁ ସରକାରୀ ଅର୍ଥ ମିଳି ନ ଥିଲା। ତେବେ ଜିଲା ସଂସ୍କୃତି ବିଭାଗକୁ ରାଜ୍ୟ ସରକାର ପଠାଇଥିବା ଉକ୍ତ ଚିଠିକୁ ବିଭାଗୀୟ କର୍ତ୍ତୃପକ୍ଷ ହଜାଇ ଦେଇଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ହିତାଧିକାରୀଙ୍କ ବାରମ୍ବାର ଦାବି ଫଳରେ ଜିଲା ସଂସ୍କୃତି ବିଭାଗ ୧୦ଟି ଭାଗବତ ଟୁଙ୍ଗି ସହ ମନକୁ ମନ ଆଉ ୨୨ଟି ପକଳ୍ପ ଯୋଡି ସେଗୁଡ଼ିକର ସ୍ଥିତି ଅବସ୍ଥିତି ସମ୍ପର୍କରେ ଜଣାଇବାକୁ ପଟ୍ଟାମୁଣ୍ଡାଇ ବ୍ଲକ ଉନ୍ନୟନ ବିଭାଗକୁ ୨୦୧୮ ସେପ୍ଟେମ୍ବରରେ ଜଣାଇଥିଲେ। ୨୦୧୯ ଅକ୍ଟୋବର ୧୫ରେ ବ୍ଲକ ଉନ୍ନୟନ ବିଭାଗ ପକ୍ଷରୁ ସଂସ୍କୃତି ବିଭାଗକୁ ଇମେଲ୍ ଯୋଗେ ସମସ୍ତ ପ୍ରକଳ୍ପ ସମ୍ପର୍କରେ ସୂଚନା ପଠାଇ ଦିଆଯାଇଛି। ହେଲେ ଏହି ପ୍ରକଳ୍ପଗୁଡ଼ିକ ତୁରନ୍ତ ମଞ୍ଜୁର କରି ଏସବୁର ମରାମତି ବାବଦ ଅର୍ଥ ହିତାଧିକାରୀଙ୍କୁ ଦେବାକୁ ସଂସ୍କୃତିପ୍ରେମୀମାନେ ଦାବି କରିଛନ୍ତି।

## ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ବିଜେଡି ନେତା ସଞ୍ଜୟ ଅଗ୍ରୱାଲ ଓ ଅନ୍ୟମାନେ।

ପାଟକୁରା, ୧୩।୧୧ (ଡି.ଏନ୍.ଏ.)

ଗରଦପୁରଠାରେ ନୂତନ ଭାବେ ନିର୍ମିତ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୨୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଗୃହକୁ ବିଜେଡି ନେତା ସଞ୍ଜୟ ଅଗ୍ରୱାଲ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମଣ୍ଡଳ ଉନ୍ନୟନ ଅଧିକାରୀ ଧରଣୀଧର ବେହେରା, ବ୍ଲକ ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ, ଶିଶୁ ଓ ମହିଳା ବିକାଶ ଅଧିକାରିଣୀ ମିନତି ବେହେରା ଓ ବିଧାୟିକାଙ୍କ ବ୍ଲକ ପ୍ରତିନିଧି ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟାଳୟଟି ପୂର୍ବରୁ ବ୍ଲକ ପରିସରରେ ଥିବା ବେଳେ କମ୍ ସ୍ଥାନ ପାଇଁ ବହୁ ଅସୁବିଧା ହେଉଥିଲା। ତେଣୁ ଏ ନୂତନ ଗୃହ ନିର୍ମାଣ କରାଯାଇଥିବା ବେଳେ ଏହା ଲୋକମାନଙ୍କୁ କାମରେ ଆସିବ ବୋଲି ବିଜେଡି ନେତା ଅଗ୍ରୱାଲ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତିର ବ୍ଲକ ସଂଯୋଜକ ଅଖିଳ ଆଚାର୍ଯ୍ୟ, ମହେନ୍ଦ୍ର କୁମାର ସ୍ୱାଇଁ, ଅଙ୍ଗନୱାଡି ସୁପରଭାଇଜର ମଧୁସ୍ମିତା ବେହେରା, ବିଜ୍ଞଶ୍ରୀ ସାହୁ, ଶଶିରେଖା ସିଂହ, କବିତା ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

■ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବ

## ଗରଦପୁରରେ ବ୍ୟାପକ ଧାନ ଫସଲ କ୍ଷତି

ପାଟକୁରା, ୧୩।୧୧ (ଡି.ଏନ୍.ଏ.)



ବେଡ଼ାରୀ ଗ୍ରାମରେ ଧାନ ଫସଲ ପାଣିରେ ଲୋଟିଛି।

■ବିଲରୁ ନିଷ୍କାସିତ ହୋଇପାରୁନି ବର୍ଷାଜଳ
■ପାଣିରେ ପଡ଼ି ଧାନ ପଚିବା ଆଶଙ୍କା

ଗରଦପୁର ବ୍ଲକରେ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ଖରିଫ ଫସଲ ବ୍ୟାପକ କ୍ଷତି ହୋଇଛି। ସଅଳ ଅମଳକ୍ଷମ ଧାନ ପୂଜା, ସ୍ୱର୍ଣ୍ଣ, ଶାରଳା ପ୍ରଭୃତି କିସମ ଧାନଗଛ ପାଣିରେ ଶୋଇ ଯାଇଛି। କେତେକ ଧାନ ଥୋଡ଼ ବାହାରିଥିବା ବେଳେ ଅଧିକାଂଶ ଧାନ ଅଧା ପାଚି ଯାଇଥିଲା। ଚାଷଜମିରୁ ପାଣି କମୁ ନଥିବାରୁ ଶୋଇଯାଇଥିବା ଧାନଗୁଡ଼ିକ ବିଶେଷ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ବେଡ଼ାରୀ ପଞ୍ଚାୟତର ଦଲୁଆଣୀ, ବେଡ଼ାରୀ, ସୋଲପାଟ, କୁଲଡୁଠୀ, ଶ୍ରୀଚନ୍ଦନପୁର, ପରକଣା, ପଦ୍ମପୁର ପଞ୍ଚାୟତର ଗୋଡ୍ରବିଲ, କିଣିଲୋ, ମହୁମୁଦା, ପଦ୍ମପୁର, ପାଟକୁରା ପଞ୍ଚାୟତର ଯମୁନାବାଦ, ଶିଙ୍ଗିଟିଆ, ଇନୈତାଲପୁର, ଲେଖନପଡ଼ା, କୋଡ଼ପଲ୍ଲା, ଗରଦପୁର ପଞ୍ଚାୟତର ଗରଦପୁର, ମେଲକ, ବ୍ରହ୍ମପୁର, ନୈନ୍ଦିପୁର, ଜଗନ୍ନାଥପୁର, ପାଖଡ଼ ପଞ୍ଚାୟତର ପାଖଡ଼, ଚାଉଳିଆ, ବାମରା, ପାଟସୁରା, ରାମଚନ୍ଦ୍ରପୁର ପଞ୍ଚାୟତର ପନ୍ଦିଆ, ପହଣା, ରାମଚନ୍ଦ୍ରପୁର, ଅଟାବୁହା, କଉଡ଼ିଆବରାଇ, ନଡ଼ିଆବରାଇ ପଞ୍ଚାୟତର ଡ଼ାହାଳପୁର, ଉଦୟଗିରି ନଡ଼ିଆବରାଇ, ଓସ୍ତପୁର ସମେତ କଳାବୁଦା, ବନ୍ତଳା, ତେଣ୍ଡାକୁଡ଼ା, ତଳକୁସୁମା, ସାନଅଡ଼ଙ୍ଗା, ବଙ୍ଗାଳପୁର, ଭଗବାନପୁର, ବଡ଼ବେତରା, ମଧୁଶାସନ, ତିକନପୁର, ପଳସୁଧା ପ୍ରଭୃତି ଗ୍ରାମରେ ବ୍ୟାପକ ଧାନ ଗଛ ପାଣିରେ ପଡ଼ିଛି। ଧାର କରଜ କରି ଚାଷକାର୍ଯ୍ୟ କରିଥିବା ବେଳେ ଏବେ ଋଣ ଶୁଝିବା ଚିନ୍ତା ଚାଷୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

## ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

ମହାକାଳପଡ଼ା, ୧୩।୧୧ (ଡି.ଏନ୍.ଏ.)

ମହାକାଳପଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଅଳାଇଲ ପଞ୍ଚାୟତ ଅଳାଇଲ ଗ୍ରାମର ଟିମା ମଲିକ (୩୦)ଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସମ୍ପୃକ୍ତା ମହିଳା ନଳକୂପକୁ ପାଣି ଆଣିବାକୁ ଯାଉଥିବା ବେଳେ ଟିମା ତାଙ୍କ ଲୁଗା କାନିକୁ ଟାଣି ଦେଇଥିଲେ। ମହିଳାଙ୍କ ପାଟି ଶୁଣି ଆଖାପାଖ ଲୋକେ ସେଠାରେ ପହଞ୍ଚିବା ସହ ଟିମାଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ପକାଇଥିଲେ। ଖବରପାଇ ମହାକାଳପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟିମାଙ୍କୁ ଥାନାକୁ ନେଇଥିଲା। ଅପରାହ୍ନରେ ଟିମାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

■ବାତ୍ୟାରେ ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ

## ୫ଦିନ ହେଲା ଅନ୍ଧାରରେ ୫ଶହ ପରିବାର

ପଟ୍ଟାମୁଣ୍ଡାଇ, ୧୩।୧୧ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗ୍ରାମରେ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ବିଦ୍ୟୁତ ଖୁଣ୍ଟଗୁଡ଼ିକ ଭାଙ୍ଗି ପଡ଼ିବା ଯୋଗୁ ବ୍ଲକ ଅଧୀନ ସଂସାରଫଳ ଗ୍ରାମକୁ ୫ଦିନ ହେବ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏବେ ବି କେତେକ ବିଦ୍ୟୁତ ଖୁଣ୍ଟ ଗାଁ ରାସ୍ତାରେ ପଡିରହିଛି। ମାତ୍ର ୨ କିମି ଦୂରରେ ଥିବା ଅଢାଜୋଡି ସେସୁ ସେକ୍ସନ୍ ଅଫିସ୍ ଥିବା ବେଳେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ଦିଆଯାଇ ପାରିନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଢାଜୋଡ଼ି ସେକ୍ସନ କର୍ମଚାରୀ ଓ କନିଷ୍ଠ ଯନ୍ତ୍ରୀ ଗାଁକୁ ଆସି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସବୁ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି କୁହାଯାଇଥିବା ବେଳେ ସ୍ୱତନ୍ତ୍ର ରିଲିଫ୍ କମିଶନର ମଧ୍ୟ ବିଦ୍ୟୁତ ସେବା ଯୋଗାଣ ଉପରେ ଗୁରୁତ୍ୱ ଦେଇଛନ୍ତି। କିନ୍ତୁ ଅଦ୍ୟାବଧି ସଂସାରଫଳ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆ ନ ଯିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ ସେବା ବନ୍ଦ ଥିବାରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟ ବନ୍ଦ ରହିଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ତେଣୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବା ନେଇ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିଛି ପାଲା

ଡେରାବିଶ, ୧୩।୧୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅଧୀନ ଭଣଗାଁ ଗ୍ରାମର ବିଶିଷ୍ଟ ପାଲା ଗାୟକ ରାମଚନ୍ଦ୍ର ଶତପଥୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଜିଲା ପାଲାଗାୟକ ପରିଷଦ ତରଫରୁ ଏକ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଗାୟକ ଦଣ୍ଡକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗାୟକ, ବାୟକ, ସଙ୍ଗୀତଜ୍ଞ ଓ ସାହିତ୍ୟିକମାନେ ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପାଲା ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଉତ୍କଳୀୟ କଳା ସଂସ୍କୃତିକୁ ବୁଦ୍ଧିମନ୍ତ କରିଥାଏ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ସଭାରେ ଗାୟକ ଗୋଲକ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ରଥ, ଅରକ୍ଷିତ ପୃଷ୍ଟି, ସୁଦାମ ସ୍ୱାଇଁ, କେଶବ ଘଡ଼ାଇ, ସୁଦର୍ଶନ ସାମଲ, ହାଡ଼ିବନ୍ଧୁ ଦାସ, ସରୋଜକାନ୍ତ ଜେନା, ଲକ୍ଷ୍ମୀଧର ମିଶ୍ର, ବୃନ୍ଦାବନ ମିଶ୍ର, ଗଣେଶ ଚନ୍ଦ୍ର ବେହେରା, ତପସ୍ୱିନୀ ପଣ୍ଡା, ପ୍ରଦୀପ୍ତ କୁମାର ଶତପଥୀ, ପ୍ରତାପ କୁମାର ଶତପଥୀ, କାଂଚନବାଳା ଶତପଥୀ, ଏଲିନା ଶତପଥୀଙ୍କ ସମେତ ଅନେକ ପରିଷଦର ଅନେକ ସଭ୍ୟ ଯୋଗ ଦେଇଥିଲେ। ସ୍ୱର୍ଗତ ଶତପଥୀଙ୍କର ପରିବାର ତରଫରୁ ଗାୟକ ରବୀନ୍ଦ୍ରନାଥ ମିଶ୍ର, ରଜନୀକାନ୍ତ ଚଣ୍ଡ, ଗୋପୀନାଥ ରଣା, ବିଷ୍ଣୁ ପ୍ରସାଦ ରଥ, ଚନ୍ଦ୍ରମଣି ନାୟକ, ଦିବାକର ପ୍ରଧାନ, ସନାତନ ମହାରଣା, ବିଜୟ କୁମାର ସାହୁ, ଶିକ୍ଷାବିତ୍ କାର୍ତ୍ତିକ ଚରଣ ନାୟକ, କଣ୍ଠଶିଳ୍ପୀ ଓ ପ୍ରକୃତିବନ୍ଧୁ କ୍ଷୀରୋଦ କୁମାର ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସଭାପତି କଣ୍ଠଶିଳ୍ପୀ ଗାୟକ ଗଗନ ବିହାରୀ ସିଂ ସଂଯୋଜନା କରିଥିଲେ। ଶେଷରେ ସ୍ୱର୍ଗତ ଶତପଥୀଙ୍କର ନାତୁଣୀ ସୁଭାସିନୀ ଶତପଥୀ ଧନ୍ୟବାଦ ଦେଇଥିଲେ।

## ବ୍ୟବସାୟୀଙ୍କ ପରଲୋକ

ରାଜକନିକା, ୧୩।୧୧ (ଡି.ଏନ୍.ଏ.)

ରାଜକନିକା ବ୍ଲକ ଅଧୀନ ଅଶୋକ ବଜାରର ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ବାନାମ୍ବର ଦାଶ(୮୩)ଙ୍କ ସୋମବାର ପରଲୋକ ଘଟିଛି। ରାଜକନିକା ଏସ୍‌ଏନ୍ କଲେଜ, ବାଳିକା ବିଦ୍ୟାଳୟ, ସୁଶ୍ରୀ ଦେବୀ ହାଇସ୍କୁଲ ଆଦି ପ୍ରତିଷ୍ଠା କରିବାରେ ତାଙ୍କର ବହୁ ଅବଦାନ ରହିଥିଲା। ସେହିପରି ୫୦ ବର୍ଷତଳେ ରାଜକନିକା ଅଞ୍ଚଳର ଚାଷୀମୂଲିଆମାନଙ୍କ ପକ୍ଷରୁ ସଂଗଠିତ ହୋଇଥିବା ଜନ ଆନ୍ଦୋଳନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତାଙ୍କ ବିୟୋଗରେ ଆଳିର ପ୍ରାକ୍ତନ ବିଧାୟକ ଦୋଳଗୋବିନ୍ଦ ନାୟକ, ବିକ୍ରମ ଦାସ, କପିଳେନ୍ଦ୍ର ମଲ୍ଲିକ, ଏସ୍‌ଏନ୍ କଲେଜ ଅଧ୍ୟକ୍ଷ ବୈକୁଣ୍ଠ ନାଥ ପରିଡା, ବରିଷ୍ଠ ବିଜେଡି ନେତା ବିକାଶ ଚନ୍ଦ୍ର ଦାସ, ଅଧ୍ୟକ୍ଷା ସାବିତ୍ରୀ ଦାସ, ଶ୍ରମିକ ନେତା ବିଧାନ ଦାସ, ହରିଶ ମହାପାତ୍ର, ଶିକ୍ଷକ ନେତା କାଳିପ୍ରସାଦ ନାୟକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

■ହାରାମଣି ମେମୋରିଆଲ ଫୁଟବଲ୍ ଟୁର୍ନାମେଣ୍ଟ

## ଗଞ୍ଜା ନୃସିଂହନାଥ କ୍ଲବ ଚାମ୍ପିୟନ

ଆଳି, ୧୩।୧୧ (ଡି.ଏନ୍.ଏ.)



ଅତିଥିଙ୍କ ଗହଣରେ ଟ୍ରଫି ସହ ବିଜେତା ଦଳ।

ହାରାମଣି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଥିବା ପ୍ରଥମ ଆଳି କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଳି ଆଥଲେଟିକ ଆସୋସିଏଶନ ଓ ରାଜକନିକା ଗଞ୍ଜାର ନୃସିଂହନାଥ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରାଇ ବ୍ରେକର ଯୋଗେ ଗଞ୍ଜା ନୃସିଂହନାଥ ଟିମ୍ ଆଳି ଆଥଲେଟିକ୍ ଆସୋସିଏଶନକୁ ୩-୨ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଉଭୟ ଟିମ କେହି କାହାରିକୁ ଗୋଲ ଦେଇ ପାରି ନଥିଲେ। ଫଳରେ ଟ୍ରାଇ ବ୍ରେକର ନିୟମାନୁଯାୟୀ ନୃସିଂହନାଥ ଟିମ ୩-୨ ଗୋଲରେ ଆଳି ଆଥ୍‌ଲେଟିକ ଆସୋସିଏଶନକୁ ହରାଇଥିଲା। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ମୁଖ୍ୟଅତିଥି, ସୁରଥ ବିଶ୍ୱାଳ, ଅଜୟ କୁମାର ନାୟକ, ଭାଜପା ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ରାଜକନିକା ଏସ୍‌ଏନ୍ କଲେଜ ଅଧ୍ୟକ୍ଷ ବୈକୁଣ୍ଠନାଥ ପରିଡ଼ା ଓ କ୍ରୀଡ଼ାବିତ୍ ଶିବନାରାୟଣ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହାରାମଣି ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ପ୍ରଦୀପ୍ତ କୁମାର ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ଚାମ୍ପିୟନ ଟିମ ଓ ରନର୍ସଅପ ଟିମ୍‌କୁ ଟ୍ରଫି ପ୍ରଦାନ କରିବା ସହ ଟୁର୍ନାମେଣ୍ଟରେ ଭାଗ ନେଇଥିବା ସମସ୍ତ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଚାନ୍ଦବାଲି ଏନଏସି କ୍ଲବକୁ ଶୃଙ୍ଖଳାଗତ ଟିମ୍, ଗଞ୍ଜା ନୃସିଂହନାଥ କ୍ଲବର ପ୍ରକାଶ ମହାପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଆଳି ଆଥ୍‌ଲେଟିକର ସେକ ଆଲାମଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ରେଫରି ଭାବେ ପ୍ରଶାନ୍ତ ସେନାପତି, ପ୍ରହ୍ଲାଦ ଜେନା, ଶରତ କୁମାର ଜେନା, ଅମର ଜେନା, ସଞ୍ଜୟ ନାୟକ, ଚିତ୍ତରଞ୍ଜନ ଓଝା, ପ୍ରିତମ ସାଇମନ ବିଶ୍ୱାଳ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ପିଲାଙ୍କୁ ଦିଗ୍‌ଦର୍ଶନ ଦେଇଛି ଶୃଙ୍ଖଳିତ ପରିବେଶ

ମାର୍ଶାଘାଇ, ୧୩।୧୧ (ଡି.ଏନ୍.ଏ.)



ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ମାର୍ଶାଘାଇ ମହାବିଦ୍ୟାଳୟର ୪୦ତମ ପ୍ରତିଷ୍ଠା ଦିବସ**

ମାର୍ଶାଘାଇ ମହାବିଦ୍ୟାଳୟର ଶୃଙ୍ଖଳିତ ପରିବେଶ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ସହ ନୂତନ ଦିଗ୍‌ଦର୍ଶନ ଦେଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର କଲେଜର ୪୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ସଭାରେ ଅତିଥିମାନେ ଉପରୋକ୍ତ ମତ ଦେଇଛନ୍ତି। ସଭାରେ ଅଧ୍ୟକ୍ଷ ଡ. ଅମିୟ କୁମାର ଜେନା ସଭାପତିତ୍ୱ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡ଼ା, ବାୟାବାବା ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ, ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ବାରିକ, ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଚନ୍ଦ୍ରମଣି ସାହୁ, ସାମାଜିକ କର୍ମୀ ଅବନ୍ତି ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ କର୍ମଚାରୀଙ୍କ ତରଫରୁ ଚତୁର୍ଥ ପ୍ରହରି ନାମଯଜ୍ଞ କରାଯିବା ସହିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଝୋଟି, ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଗୋବିନ୍ଦ ବେହେରା, ପ୍ରଭାତ ଲେଙ୍କା, ସୁରେନ୍ଦ୍ର ପଣ୍ଡା, ଭ୍ରମରବର ନାୟକ, ରବିନାରାୟଣ ରଥ, କୈଳାସ ବାରିକ, ଅଧ୍ୟାପିକା ମେନକା ପାଲ୍, ପ୍ରଭାସିନୀ ପରିଡ଼ା, ମିତାଲି ରଶ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ଭାତହାଣ୍ଡି ଉଜାଡ଼ିଦେଲା ବୁଲ୍‌ବୁଲ୍

## ଚାଷୀଙ୍କୁ ଘାରିଛି ଋଣ ପରିଶୋଧ ଚିନ୍ତା

ପଟ୍ଟାମୁଣ୍ଡାଇ, ୧୩।୧୧ (ସ୍ୱ.ପ୍ର)

ଗତ ୮, ୯ ତାରିଖରେ ବାତ୍ୟା 'ବୁଲ୍‌ବୁଲ୍' ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ବ୍ୟାପକ ଫସଲହାନି ଘଟିଛି। ବ୍ଲକ ଅଞ୍ଚଳର ଭାତହାଣ୍ଡି କୁହାଯାଉଥିବା ଉଡିକଣ ଭେଡାରେ ଥିବା ଧାନବିଲରେ ଗଛ ସବୁ ଶୋଇ ରହିଥିବା ବେଳେ ବିଲରେ ଏବେ ବି ପାଣି ଜମି ରହିଛି। ଏହି ଭେଡାର ସଂସାରଫଳ, ଖଣତା, ମଦନପୁର, ଓଉପଦା, ରେସୋ, ଗୁଣ୍ଡି, ଅଢାଯୋଡି, ଡିମିରିଆ, ଆନନ୍ଦପୁର, ଶ୍ୟାମସୁନ୍ଦରପୁର, ବଡମୋହନପୁର, ସାନଜରିଆ, ଅରଡପଲ୍ଲୀ, କଖାରୁଣୀ, ଶାସନ ପ୍ରଭୃତି ୯୦ଟି ମୌଜାର ହଜାର ହଜାର ଚାଷୀ ଚାଷ କରିଛନ୍ତି। ଚାଷୀମାନେ ଧାର କରଜ ଓ ସମବାୟ ସମିତିରୁ ଋଣ କରି ଚାଷ କରିଥିବା ବେଳେ ଫସଲ ଉଜୁଡ଼ିଯିବା ଆଶଙ୍କା ଦେଖାଦେଇଥିବାରୁ ଋଣ ପରିଶୋଧ କରିବା ନେଇ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଚଳିତ ଖରିଫଋତୁରେ ପ୍ରାୟ ୨୫ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିଲା। ମାତ୍ର ଗତ ଜୁଲାଇଠାରୁ ବର୍ଷା ଲାଗି ରହିଥିବା ବେଳେ ଏବର୍ଷ ଚାଷ ମଧ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା। ହେଲେ ଫସଲ ଭଲ ହୋଇଥିବା ବେଳେ ବୁଲ୍‌ବୁଲ୍ ପ୍ରଭାବରେ ଧାନଗଛ ସବୁ ବିଲରେ ଶୋଇରହିଛି। ତେବେ ସରକାରଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ତଦନ୍ତ କରିବା ସହ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଉଡିକଣ ଚାଷୀ ମୂଲିଆ ସଂଗ୍ରାମ ସମିତି ଆବାହକ ଭାସ୍କର ରାଉତରାୟ ଦାବି କରିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୪/୨୦୧୯ | Bhubaneswar, Thursday, November 14/ 2019

# ସପ୍ତାହରେ ସର୍ବାଧିକ ନାରୀ ନିର୍ଯାତନା ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୧୩।୧୧**

ଜଗତ୍‌ସିଂହପୁର ଥାନାରେ ଗତ୬ରୁ ୧୨ତାରିଖ ମଧ୍ୟରେ ମୋଟ ୧୬ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ସର୍ବାଧିକ ନାରୀ ନିର୍ଯାତନା ସମ୍ବନ୍ଧୀୟ ଥିବା ଜଣାଯାଇଛି। ବିଶେଷକରି ଯୌତୁକ ନିର୍ଯାତନା ଓ ଧମକ ଆଦି ଅଭିଯୋଗ ରହିଛି। ଏହାବାଦ୍ ଦୁର୍ଘଟଣା, ଗାଳିଗୁଲଜ, ମାରଧର ଓ ଧମକ ଆଦି ରହିଥିବା ଜଣାଯାଇଛି। ଏସବୁ ମାମଲାରେ ୩୫ରୁ ଅଧିକ ଅଭିଯୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୨ଜଣ ଗିରଫ ହୋଇଛନ୍ତି। ଏସମ୍ପର୍କରେ ଆଇଆଇସି ରଜନୀକାନ୍ତ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଯେହେତୁ ଅଧିକାଂଶ ମାମଲା ପାରିବାରିକ ବିବାଦ କାରଣରୁ ହୋଇଛି ତେଣୁ ପୋଲିସ କାର୍ଯ୍ୟାନୁଷ୍ଠାନ ଅପେକ୍ଷା ସାମାଜିକ ଦିଗକୁ ଗୁରୁତ୍ୱ ଦେଉଛି। ସମସ୍ତ ମାମଲାରେ ତଦନ୍ତ ଚାଲିଥିବା ବେଳେ କେତୋଟିରେ ଅଧିକ ତଦନ୍ତର ଆବଶ୍ୟକତା ରହିଛି। ତେଣୁ ଅଭିଯୁକ୍ତଙ୍କୁ ଗିରଫ କରାଯିବାରେ ବିଳମ୍ବ ହେଉଛି।

ଥାନା ସୂଚନା ଅନୁଯାୟୀ, ଗତମାସ ୨୫ ତାରିଖରେ ତରିକୁନ୍ଦ ନିକଟରେ ଘଟିଥିବା ଏକ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେଲାପରେ ପୋଲିସ ଗତ ୬ ତାରିଖରେ ମାମଲା ସଂଖ୍ୟା ୩୮୧/୧୯ ରୁଜୁ କରିଥିଲା। କିନ୍ତୁ ଦୁର୍ଘଟଣା ଘଟାଇଥିବା ଗାଡି ଚାଳକଙ୍କୁ ଏଯାଏ ଗିରଫ କରାଯାଇନାହିଁ। ସେହିପରି ଗତ ୨ ତାରିଖରେ ଜଣେ ୧୬ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ଉପରେ ମାମଲା ସଂଖ୍ୟା ୩୮୨/୧୯ ରୁଜୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ନବାପାଟଣାର ରାଜୁଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଗତ ୫ ତାରିଖରେ ଜଣେ ମହିଳାଙ୍କୁ ୭ ଜଣ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ଉପରେ ମାମଲା ସଂଖ୍ୟା ୩୮୩/୧୯ ରୁଜୁ ହୋଇଥିଲେ ସୁଦ୍ଧା କାହାରିଙ୍କୁ ଗିରଫ କରାଯାଇ ପାରିନାହିଁ। ଗତ ୫ ତାରିଖରେ ସମଙ୍ଗର ଜଣଙ୍କୁ ୪ ଜଣରୁ ଅଧିକ ମିଶି ମାରପିଟ୍ କରିଥିବା ଅଭିଯୋଗ ଉପରେ ମାମଲା ସଂଖ୍ୟା ୩୮୪/୧୯ ରୁଜୁ କରାଯାଇଥିଲା। ଏହି ମାମଲାରେ କେହି ଗିରଫ ହୋଇନାହାନ୍ତି। ୬ ତାରିଖରେ ଏକସୁଧାର ଜଣେ ବ୍ୟକ୍ତିଙ୍କୁ ଶାଳଗାଁର ଜଣେ ବ୍ୟକ୍ତି ଗାଳିଗୁଲଜ ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହା ଉପରେ ମାମଲା ସଂଖ୍ୟା ୩୮୫/୧୯ ରୁଜୁ ହୋଇଥିଲେ ସୁଦ୍ଧା ଅଭିଯୁକ୍ତ ଗିରଫ ହୋଇନାହାନ୍ତି। ୭ ତାରିଖରେ ମଜ୍ଜୁରାଇ ଛକ ନିକଟରେ ଏକ ୧୪ ଚକିଆ ଟ୍ରକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇଥିଲେ। ଏହା ଉପରେ ମାମଲା ସଂଖ୍ୟା ୩୮୬/୧୯ ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇପାରିଛି। ଗତ ୬ ତାରିଖରେ ବାଲିକୁଦା ଥାନା ଅନ୍ତର୍ଗତ ମହନାପାରୀର ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ଯୌତୁକ ପାଇଁ ନିର୍ଯାତନା ଦେଇ ଆସିଥିବା ଅଭିଯୋଗ ହୋଇଥିଲା। ଏହା ଉପରେ ମାମଲା ସଂଖ୍ୟା ୩୮୭/୧୯ ରୁଜୁ ହୋଇଥିଲା। କିନ୍ତୁ ଅଭିଯୁକ୍ତ ଗିରଫ ହୋଇ ନାହାନ୍ତି। ସ୍ଥାନୀୟ କଣ୍ଠାବଲ୍ଲଭପୁରର ଜଣେ ବ୍ୟକ୍ତିଙ୍କୁ ଏହି ଗାଁର ଅନ୍ୟ ଜଣେ ବ୍ୟକ୍ତି ଧମକଚମକ ଦେଇଥିବା ୭ ତାରିଖରେ ଅଭିଯୋଗ ହେଲାପରେ ପୋଲିସ ମାମଲା ସଂଖ୍ୟା ୩୮୮/୧୯ ରୁଜୁ କରିଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ। ଗତ ୯ ତାରିଖରେ ମଣ୍ଡାସାହି ସରପଞ୍ଚଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ସରକାରୀ ସହାୟତା ପାଇଁ ଦାବି କରି ସରପଞ୍ଚଙ୍କଠାରୁ ନିରାଶ ହେଲା ପରେ କ୍ରୋଧାନ୍ୱିତ ହୋଇ ଅଭିଯୁକ୍ତ ସରପଞ୍ଚଙ୍କ ଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ଉପରେ ମାମଲା ସଂଖ୍ୟା ୩୮୯/୧୯ ରୁଜୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଏଯାଏ ଗିରଫ କରାଯାଇ ପାରିନାହିଁ। ଗତ ୧୦ ତାରିଖରେ ଅତାମଳାର ଜଣେ ମହିଳାଙ୍କୁ ଏହି ଗାଁର ୩ ଜଣ ଆପତ୍ତିଜନକ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ଉପରେ ମାମଲା ସଂଖ୍ୟା ୩୯୦/୧୯ ରୁଜୁ ହୋଇଥିଲା। କିନ୍ତୁ ଅଭିଯୁକ୍ତମାନେ ଏଯାଏ ଗିରଫ ହୋଇନାହାନ୍ତି। ଗତ ୧୧ ତାରିଖରେ ଅର୍ଥାତ୍ ଗୋଟିଏ ଦିନରେ ୫ଟି ଯୌତୁକ ନିଯାତନା ମାମଲା (ସଂଖ୍ୟା ୩୯୧/୧୯, ୩୯୨/୧୯, ୩୯୩/୧୯, ୩୯୪/୧୯ ଓ ୩୯୫/୧୯) ରୁଜୁ ହୋଇଥିଲା। ଗତ ୧୨ ତାରିଖରେ ୫ଟି ଛେଳି ଚୋରି ଯାଇଥିବା ଅଭିଯୋଗ ଉପରେ ମାମଲା ସଂଖ୍ୟା ୩୯୬/୧୯ ରୁଜୁ ହୋଇଥିଲେ ସୁଦ୍ଧା ଚୋରଙ୍କୁ ପୋଲିସ ଗିରଫ କରିବାକୁ ସମର୍ଥ ହୋଇନାହିଁ।

**ଜଗତ୍‌ସିଂହପୁର ଥାନା**
- ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ
- ୩୫ରୁ ଅଧିକ ଅଭିଯୁକ୍ତଙ୍କ ନାମରେ ମାମଲା

# ବାଲିପ୍ଲଟ୍ ମାଛ ବଜାର ୨ ଘଣ୍ଟା ଜାମ୍

**ପାରାଦୀପ,୧୩।୧୧(ସ୍ୱ.ପ୍ର.)**

ଛାଡ଼ଖାଇ ଯୋଗୁ ବୁଧବାର ପାରାଦୀପର ଅଠରବାଙ୍କି ବାଲିପ୍ଲଟ୍ ମାଛବଜାର ସକାଳେ ଦୁଇ ଘଣ୍ଟା ଧରି ଜାମ୍ ରହିଥିଲା। ଶତାଧିକ ଲୋକ ମାଛ ପାଇଁ ବାଲିପ୍ଲଟକୁ ଯିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିଲା। ସେହି ବାଲିପ୍ଲଟ୍ ପାଖରେ ପାରାଦୀପ ବନ୍ଦରର ୨ ନମ୍ବର ଗେଟ୍ ରହିଛି। ଗେଟ୍ ବାଟେ ପଣ୍ୟବାହୀ ଭାରିଯାନ ପ୍ରବେଶ କରିଥାଏ। ମାତ୍ର ମାଛ ପାଇଁ ଲୋକଯିବାବେଳେ ଭାରିଯାନ ଚଳାଚଳ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ଏପରି ଲୋକ ଭିଡ଼ ଦେଖି ବେପାରୀମାନେ ମାଛ ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି କରିଥିଲେ। ରୋହି-ଭାକୁର ମାଛର ମୂଲ୍ୟ କେଜି ପିଛା ୨୦୦ ଟଙ୍କାରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ବାଲିପ୍ଲଟ୍ ଗଦିରେ ମାଛ ସରିଯିବା ପରେ ଭିଡ଼ ଭାଙ୍ଗିଥିଲା।




## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ, ୨ ଆହତ

**ପାରାଦୀପ,୧୩।୧୧(ସ୍ୱ.ପ୍ର.)**

ପାରାଦୀପ ଲକ୍ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ୧୫ ନଂ ପାଖରେ ମଙ୍ଗଳବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଆହତ ହୋଇଛନ୍ତି। ମୃତକ ହେଲେ କୁଜଙ୍ଗ ଥାନା ହଁସିଣା ଗ୍ରାମର ବନମାଳି ସୂତାର(୩୨)। ସେମାନେ ରାତିରେ ବାଲିଯାତ୍ରା ଦେଖି ଫେରୁଥିବାବେଳେ ଏକ ଟ୍ରଲି ସହ ତାଙ୍କର ଦୁର୍ଘଟଣା ଘଟିଥିଲା। ବନମାଳି ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଅଠରବାଙ୍କି ବିଜୁ ମେମୋରିଆଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତଦ୍ୱୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## କଳିଙ୍ଗ ବାଲିଯାତ୍ରାର ୩ୟ ସନ୍ଧ୍ୟା / ୨ ଦିନ ପରେ ଜମିଲା ଭିଡ଼



ବାଲିଯାତ୍ରାରେ ଲାଗିଥିବା ଷ୍ଟଲ ଗୁଡିକରେ ଲୋକଙ୍କ ଭିଡ଼ ଜମିଛି।

**ପାରାଦୀପ,୧୩।୧୧(ସ୍ୱ.ପ୍ର.)**

ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ୩ୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଛି। ପ୍ରଥମ ଓ ୨ୟ ସନ୍ଧ୍ୟା ଅପେକ୍ଷା ଏହି ସନ୍ଧ୍ୟାରେ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଛାଡ଼ଖାଇ ଥିବାରୁ ଲୋକେ ଫାଷ୍ଟଫୁଡ୍ ଦୋକାନରେ ଭିଡ଼ ଜମାଇଥିଲେ। ସେହିପରି ୯୦ ପ୍ରତିଶତ ଷ୍ଟଲ ଖୋଲିଥିବାରୁ ପ୍ରାୟ ଷ୍ଟଲ ନିକଟରେ ଲୋକଙ୍କ ଭିଡ଼ ଜମିଥିଲା। ମଞ୍ଚରେ ଜଗତ୍‌ସିଂହପୁର ପର୍ଲଆର୍ଟ ଦ୍ୱାରା ଗୀତନାଟ୍ୟ, ପରେ ବାଲୁଙ୍କେଶ୍ୱର କଳା ନିକେତନର କଳାକାରମାନେ ଆଧୁନିକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ସନ୍ଧ୍ୟା ୭ଟା ପରେ ଅଭିରାମ ବଳଙ୍କ ଦ୍ୱାରା ବଂଶୀବାଦନ, ସୋନାଲୀ ମହାପାତ୍ରଙ୍କ ଓଡ଼ିଶୀ ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସନ୍ଧ୍ୟାରେ ଅତିଥିଭାବେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀର ରଞ୍ଜନ କୁମାର ନାୟକ, ସତ୍ୟ କୁମାର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମହାନ୍ତି ଓ ଏଏସ୍‌ପି ବିଷ୍ଣୁଚରଣ ମିଶ୍ର ଉପସ୍ଥିତ ଥିଲେ।

### ଜିଲାପାଳ ଓ ଏଡିଏମ୍ ଗାଇଲେ ଗୀତ

ବାଲିଯାତ୍ରାକୁ ନେଇ ଚଳିତ ବର୍ଷ ଅନେକ ବିବାଦ ଦେଖା ଦେଇଥିଲେ ମଧ୍ୟ ଜିଲାପାଳ ନିଜେ ଏହାର ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ଏହିକ୍ରମରେ ସନ୍ଧ୍ୟା ମଞ୍ଚରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଗୀତ ଗାଇଥଲେ। ପ୍ରତିଷ୍ଠିତ ସଙ୍ଗୀତକାର ସୁନୀଲଙ୍କ ସହ ଜିଲାପାଳ ପଞ୍ଚରେ ପୁରୁଣା ଗୀତ ଗାଇଥିଲେ। ଏହାପରେ ପାରାଦୀପ ଏଡିଏମ୍ ମଧ୍ୟ ଗୋଟିଏ ଗୀତ ଗାଇଥିଲେ।


ମଞ୍ଚରେ ଜିଲାପାଳ ଗୀତ ଗାଉଛନ୍ତି।

# ସ୍କୁଟି ଡିକି ଭାଙ୍ଗି ୧.୪୦ ଲକ୍ଷ ଟଙ୍କା ଲୁଟ୍

**ପାରାଦୀପ,୧୩।୧୧(ସ୍ୱ.ପ୍ର.)**

ପାରାଦୀପ ମଡେଲ ଥାନା ଅନ୍ତର୍ଗତ ବ୍ୟାଙ୍କ ଲେନ୍‌ରୁ ବୁଧବାର ଦୁର୍ବୃତ୍ତ ଏକ ସ୍କୁଟି ଡିକି ଭାଙ୍ଗି ୧ ଲକ୍ଷ ୪୦ ହଜାର ଟଙ୍କା ଲୁଟ୍ କରିଛନ୍ତି। ଏନେଇ ଅଭିଯୋଗ ହେବାପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସେଠାରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛନ୍ତି। ମଧୁବନ ଗୋପାଳଜୀଉ କଲୋନୀର ଜିତେନ୍ଦ୍ର ବଳ ମଧ୍ୟାହ୍ନରେ ବ୍ୟାଙ୍କ ଲେନ୍‌ରେ ଥିବା ୟୁକୋ ବ୍ୟାଙ୍କରୁ ୧ ଲକ୍ଷ ୪୦ ହଜାର ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ପରେ ସେହି ବ୍ୟାଙ୍କଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଷ୍ଟେଟ ବ୍ୟାଙ୍କଙ୍କୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ମାତ୍ର ବ୍ୟାଙ୍କରୁ ଫେରିବା ବେଳକୁ ତାଙ୍କ ସ୍କୁଟି ଡିକି ଖୋଲାଥିଲା ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ସମସ୍ତ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ। ଏହାପରେ ସେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଥାନାଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ସମ୍ପୃକ୍ତ ଗାଡି ଡିକି ଲକ୍ ପ୍ରାୟ ଅଧିକାଂଶ ଚାବିରେ ଖୋଲିଯାଉଛି। ଯେଉଁ କାରଣରୁ ଦୁର୍ବୃତ୍ତ ସହଜରେ ଲୁଟ୍ କରି ପାରିଲେ

### ମହିଳାଙ୍କଠାରୁ ୫୦ ହଜାର ଲୁଟ୍

**ଜଗତ୍‌ସିଂହପୁର ଅଫିସ,୧୩।୧୧**–ଜଗତ୍‌ସିଂହପୁର ଥାନା ମଣ୍ଡାସାହି-ଉତ୍ତରାଖଣ୍ଡ ରାସ୍ତା ମଧ୍ୟରେ ବୁଧବାର ଜଣେ ମହିଳାଙ୍କଠାରୁ ୫୦ ହଜାର ଟଙ୍କା ଲୁଟ୍ ହୋଇଛି। ସମ୍ପୃକ୍ତ ମହିଳା ହେଲେ ମଣ୍ଡାସାହି ଉତ୍ତରାଣ୍ଡର ଅନ୍ନପୂର୍ଣ୍ଣା ଦାସ। ତାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ସଂଖ୍ୟା ୩୯୯/୧୯ ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ନପୂର୍ଣ୍ଣା ତାଙ୍କ ଗାଁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସମ୍ପାଦକ ଅଛନ୍ତି। ଗୋଷ୍ଠୀ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ ସେ ତାଙ୍କ ସ୍ୱାମୀ ରଜନୀକାନ୍ତ ଦାସଙ୍କ ସହ ସାଇକେଲ ଯୋଗେ ମଣ୍ଡାସାହିସ୍ଥିତ ଷ୍ଟେଟବ୍ୟାଙ୍କ ଶାଖାକୁ ଯାଇଥିଲେ। ୫୦ ହଜାର ଟଙ୍କା ଉଠାଇ ଏକ ପଲିଥିନ ବ୍ୟାଗରେ ଭରି ଦମ୍ପତି ଗାଁକୁ ଫେରୁଥିଲେ। ୨ଜଣ ଦୁର୍ବୃତ୍ତ ଏକ କଳା ରଙ୍ଗର ବାଇକ୍ ଯୋଗେ ପିଛା କରି ବାଟରେ ଅନ୍ନପୂର୍ଣ୍ଣାଙ୍କଠାରୁ ଏହି ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଖସି ଯାଇଥିଲେ।

# ପିପିଏଲ୍ ଷ୍ଟଲ ବୁଲିଲେ ଶିଳ୍ପମନ୍ତ୍ରୀ


ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପିପିଏଲ୍ ଷ୍ଟଲ ପରିଦର୍ଶନ କରୁଛନ୍ତି।

**ପାରାଦୀପ,୧୩।୧୧(ସ୍ୱ.ପ୍ର.)**

ଭୁବନେଶ୍ୱରଠାରେ ଚାଲିଥିବା ଶିଳ୍ପ ମେଳାରେ ପାରାଦୀପ ଫସଫେଟସ୍ ଲିମିଟେଡ୍(ପିପିଏଲ୍) ପକ୍ଷରୁ ଏକ ଷ୍ଟଲ ଖୋଲାଯାଇଛି। ଏଠାରେ କୃଷି ଓ କୃଷକଙ୍କ ସମ୍ପର୍କିତ ସଚେତନତା ବାର୍ତ୍ତା, ମୃତ୍ତିକା ସଂରକ୍ଷଣ ଆଦି ପ୍ରସଙ୍ଗରେ ସୂଚନା ଦିଆଯାଉଛି। ଏହି ଷ୍ଟଲକୁ ବୁଧବାର ସନ୍ଧ୍ୟାରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ସଚିବ ହେମନ୍ତ ଶର୍ମା ପରିଦର୍ଶନ କରିଥିଲେ। ଏହି ସମୟରେ ଷ୍ଟଲର ସାଜସଜା ଓ ସଚେତନତାକୁ ସେମାନେ ଉଚ୍ଚ ପ୍ରଶଂସା କରିଥିଲେ। କମ୍ପାନୀର ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, କର୍ପୋରେଟ୍ ଅଧିକାରୀ ସୁଧୀରଞ୍ଜନ ମିଶ୍ର ଉପସ୍ଥିତ ରହି ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ନୀତିମୟ ଜୀବନଯାପନ କଲେ ମଣିଷ ଉଦାର ଓ ନମ୍ର ହୋଇଥାଏ। ଏହାଦ୍ୱାରା ସେ ସୁଗୁଣର ଅଧିକାରୀ ହୁଏ ଓ ସର୍ବଦା ସତ୍‌କର୍ମ କରେ। ଏହି ସତ୍‌କର୍ମ ହିଁ ମଣିଷକୁ ନିର୍ବାଣ ପ୍ରାପ୍ତିରେ ସାହାଯ୍ୟ କରିଥାଏ। -ବୁଦ୍ଧଦେବ



## ସଂକ୍ଷେପରେ

### ସୋସିଆଲ ମିଡିଆରେ ଯୁବତୀଙ୍କ ଫଟୋ ଛାଡ଼ି ଯୁବକ ଗିରଫ

**ଚଣ୍ଡିଖୋଲ/ଛତିଆ, ୧୩।୧୧(ଡ଼ି.ଏନ.ଏ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଥାନା ଅଧୀନ ବାରିମୂଳ ଗ୍ରାମର ଜଣେ ଯୁବତୀଙ୍କ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ବୈରୀ ଗ୍ରାମର ପତିତପାବନ ମିଶ୍ର ବାରିମୂଳ ଗ୍ରାମର ଜଣେ ଯୁବତୀଙ୍କୁ ଦୀର୍ଘଦିନ ଧରି ଭଲ ପାଇ ଆସୁଥିଲେ। ତେବେ ଗତ ୩ବର୍ଷ ତଳେ ସମ୍ପୃକ୍ତ ଯୁବତୀଙ୍କ ବିବାହ ପରିବାର ଲୋକେ ଅନ୍ୟତ୍ର କରିଥିଲେ। ପତିତପାବନଙ୍କ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିବା ନେଇ ଶାଶୁଘର ଲୋକେ ଜାଣିବା ପରେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ଯୁବତୀ ଜଣକ ଆସି ବାପଘରେ ରହିବା ପରେ ପତିତପାବନଙ୍କ ସହ ତାଙ୍କ ସମ୍ପର୍କ ପୁଣି ଗଢ଼ି ଉଠିଥିଲା। ତେବେ କିଛି ଦିନ ତଳେ ଉଭୟଙ୍କ ମଧ୍ୟରେ ମନାନ୍ତର ହେବାରୁ ସମ୍ପୃକ୍ତା ଯୁବତୀଙ୍କ ଫଟୋ ସୋସିଆଲ ମିଡିଆରେ ଛାଡ଼ିଦେବାକୁ ଯୁବକ ଜଣଙ୍କ ଧମକ ଦେଇଥିଲେ। ଏପରି କି କିଛି ଫଟୋ ସୋସିଆଲ ମିଡିଆରେ ଛାଡ଼ିଦେଇଥିଲେ। ଏନେଇ ଯୁବତୀ ଜଣଙ୍କ ସୋମବାର ବୈରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବୈରୀ ଥାନା ଦାୟିତ୍ୱରେ ଥିବା ବଡ଼ଚଣା ଥାନାଧିକାରୀ ଏକ ମାମଲା(୧୪୮/୧୯) ରୁଜୁ କରିଥିଲେ। ବୁଧବାର ପତିତପାବନଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି।

### ସାମାଜିକ କର୍ମୀଙ୍କ ହୃଦ୍‌ଘାତରେ ପରଲୋକ

**ଚଣ୍ଡିଖୋଲ,୧୩।୧୧(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ମହାଦେଇପୁର ଗ୍ରାମର ମଧୁସୁଦନ ଲେଙ୍କା (୬୭) ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଘରେ ବସି ଟିଭି ଦେଖୁଥିବା ସମୟରେ ହଠାତ୍ ଟଳି ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀର୍ଘ ଦିନ ଧରି ଜନତା ଦଳରେ ଓ ପରେ ବିଜୁ ଜନତା ଦଳରେ ରାଜନୈତିକ ଜୀବନ ଆରମ୍ଭ କରିବା ସହ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ ଅନୁଷ୍ଠିତ ହୋଇଥିଲା।

# ଜିଲାର ୪,୨୩୨ ବୁଣାକାର ପ୍ରଭାବିତ

**ଯାଜପୁର ଅଫିସ,୧୩।୧୧**

ଶିଳ୍ପାୟନର ବିକାଶ ପାଇଁ ବାହାର ରାଜ୍ୟର ବହୁ ଶିଳ୍ପ କାରଖାନାକୁ ଆମନ୍ତ୍ରଣ କରାଯାଉଛି। କିନ୍ତୁ ଅଭିଜ୍ଞତା ଆଳରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ଅଣଓଡ଼ିଆ ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏପରିକି ସମବାୟ ଭିତ୍ତିକ ସୂତାକଳ, ଓଡ଼ିଶା ଟେକ୍ସଟାଇଲ ମିଲ ଆଦିକୁ ହତାଦର କରାଯାଉଥିବାରୁ ସ୍ଥାନୀୟ ଲୋକ ନିଯୁକ୍ତି ହରାଉଥିବା ସହ ଉପଯୁକ୍ତ ଦର ଓ ଠିକ ସମୟରେ କଞ୍ଚାମାଲ ଅଭାବରୁ ବୁଣାକାର ପରିବାରଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଉଛି। ବିଶେଷକରି ଯାଜପୁର ଜିଲାର ୨୨୭୮ ପରିବାରର ୪୨୩୨ ବୁଣାକାର ପ୍ରଭାବିତ ହେଉଛନ୍ତି। ରାଜ୍ୟରେ ୬ ଟି ସୂତାକଳ ଓ ୨ଟି ଟେକ୍ସଟାଇଲ ମିଲ ବନ୍ଦ ପଡ଼ିଛି। ଫଳରେ ରାଜ୍ୟରେ ଆବଶ୍ୟକ ହେଉଥିବା କପଡ଼ା ଓ ବୁଣାକାରଙ୍କ ସୂତା ପାଇଁ ରାଜ୍ୟ ବାହାର ଉପରେ ନିର୍ଭର କରିବାକୁ ପଡୁଛି।

ଯାଜପୁର ଜିଲା ସୀମାନ୍ତ ଚୌଦ୍ୱାରଠାରେ ସ୍ଥାପିତ ଓଡ଼ିଶା ଟେକ୍ସଟାଇଲ ମିଲ୍(ଓଟିଏମ)ର ଉତ୍ପାଦନ କାର୍ଯ୍ୟ ଅକ୍ଟୋବର ୨୦୦୦ରୁ ବନ୍ଦ ରହିଛି। ଏଥିରେ କାର୍ଯ୍ୟ କରୁଥିବା ୩,୭୩୯ ଜଣ କର୍ମଚାରୀ ଓ ଶ୍ରମିକ ଜୀବିକା ହରାଇଛନ୍ତି।୍ୟ ଓଟିଏମ୍‌ର ବିକ୍ରିକରଣ ପ୍ରକ୍ରିୟାରେ ଇଡ୍‌କୋ ତରଫରୁ ୭୬କୋଟି ଟଙ୍କାରେ ଏହି ମିଲ୍ କିଣିବା ପାଇଁ ଅଦାଲତରେ ବିଡ ଦାଖଲ ହୋଇଥିବାବେଳେ ତାହା ଏଯାଏ ବିଚାରାଧୀନ ରହିଥିବା ସୂଚନା ମିଳିଛି। ସେହିପରି ରାଜ୍ୟରେ ୫ଟି ସମବାୟ ଭିତ୍ତିକ ସୂତାକଳ ଓ ଗୋଟିଏ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧିନ ସୂତା କଳର ଉତ୍ପାଦନ କାର୍ଯ୍ୟ ବନ୍ଦ ଅଛି। ସେଥିମଧ୍ୟରୁ ୩ଟି ସୂତାକଳକୁ ଓଡିଶା ସମବାୟ ଆଇନ ଧାରା ୧୪(ଖ) ଘରୋଇକରଣ ମାଧ୍ୟମରେ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି। ବରଗଡ଼ ଜିଲା ଓଡିଶା ବୁଣାକାର ସମବାୟ ସୂତାକଳ ୧୯୯୯ ଜୁନ, ଢେଙ୍କାନାଳ ବୁଣାକାର ସମବାୟ ସୂତାକଳ ଲି଼ଃ ୨୦୦୨ ନଭେମ୍ବର ଓ ବାଲେଶ୍ୱର ଶ୍ରୀ ଗୋପିନାଥ ବୁଣାକାର ସମବାୟ ସୂତାକଳ ଲି଼ଃ ୨୦୦୮ ଜାନୁୟାରୀ ମାସରୁ ବନ୍ଦ ପଡିଛି । ଏହି ୩ଟି ସୂତାକଳକୁ ଘରୋଇକରଣ କରିବାକୁ ଯୋଜନା ହେଉଥିବା କୁହାଯାଉଛି। ଜଗତସିଂହପୁର ଶାରଳା ବୁଣାକାର ସମବାୟ ସୂତାକଳ ଲି଼ଃ ୧୯୯୯ଅକ୍ଟୋବର, ଆଠଗଡ଼ ଶ୍ରୀ ଜଗନ୍ନାଥ ବୁଣାକାର ସମବାୟ ସୂତାକଳ ଲି଼ଃ ୨୦୦୫ ଜାନୁୟାରୀ ଓ ଖୋର୍ଦ୍ଧାସ୍ଥିତ ଉତ୍କଳ ବୁଣାକାର ସମବାୟ ସୂତାକଳ ଲି଼ଃ ୧୯୯୮ ଫେବୃୟାରୀ ମାସରୁ ବନ୍ଦ ପଡିଛି। ଏହାବାଦ ଝାରସୁଗୁଡାସ୍ଥିତ ଭାସ୍କର ଟେକ୍ସଟାଇଲ ମିଲ୍ ୧୯୯୮ ମେ ମାସରୁ ବନ୍ଦ ରହିଥିବାବେଳେ କମ୍ପାନୀ ଅଦାଲତରେ ସମାପନ କାର୍ଯ୍ୟ ବିଚାରଧୀନ ରହିଛି। ତେବେ ସୂତାକଳ ଓ ଓଟିଏମ୍ ବନ୍ଦ ରହିଥିବାରୁ ଯାଜପୁର ଜିଲା ସମେତ ରାଜ୍ୟର ୬୫,୩୯୧ ବୁଣାକାର ପରିବାରର ୧,୨୨,୩୩୫ ଜଣ ବୁଣାକାର ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ପ୍ରଭୃତି ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ବେଳେବେଳେ ଠିକ ସମୟରେ ସୂତା ନ ପାଇଁ ବୁଣାକାର ପରିବାର ହନ୍ତସନ୍ତ ହେଉଛନ୍ତି । ଏପରିକି ନିମ୍ନମାନର ସୂତା ବୁଣାକାରଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଉଛି ବୋଲି ଅଭିଯୋଗ ହୋଇଛି । ଏହାବାଦ ପ୍ରାଥମିକ ବୁଣାକାର ସମବାୟ ସମିତି ମାଧ୍ୟମରେ ଉତ୍ପାଦିତ ହେଉଥିବା ହସ୍ତତନ୍ତ ବସ୍ତ୍ରର ପରିମାଣ ହ୍ରାସ ହେଉଥିବା ଏକ ଆକଳନରୁ ଜଣାପଡିଛି । ଗତ ୧୧ ବର୍ଷ ମଧ୍ୟରେ ୨୦୧୮-୧୯ରେ ସର୍ବନିମ୍ନ ୭୫.୦୯ ବର୍ଗ ମିଟର ବସ୍ତ୍ର ଉତ୍ପାଦିତ ହେଉଥିବା ସୂଚନା ମିଳିଛି । ଏ ସଂକ୍ରାନ୍ତରେ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ବୁଣାକାରଙ୍କୁ ସବୁପ୍ରକାର ପ୍ରୋତ୍ସାହନ ଦିଆଯାଉଛି। ବିଭିନ୍ନ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ଆର୍ଥିକ କ୍ଷେତ୍ରରେ ଉନ୍ନତି ଅଣାଯାଉଛି। ସୂତାକଳ ବନ୍ଦ ହୋଇଥିଲେ ହେଁ ଟସର ଫାର୍ମ ଜରିଆରେ ବହୁ ବୁଣାକାର ଉପକୃତ ହେଉଛନ୍ତି ବୋଲି ବେହେରା କହିଛନ୍ତି।

**ସମବାୟ ଶିଳ୍ପକୁ ମିଳୁନି ପ୍ରୋତ୍ସାହନ**



- ରାଜ୍ୟରେ ବନ୍ଦ ପଡ଼ିଛି ୬ ସୂତାକଳ
- ୩ର ଘରୋଇକରଣ ପାଇଁ ଉଦ୍ୟମ ଜାରି
- ଚୌଦ୍ୱାର, ଝାରସୁଗୁଡ଼ା ଟେକ୍ସଟାଇଲ ମିଲ୍ ବନ୍ଦ
- ଆବଶ୍ୟକ ତୁଳନାରେ ହୋଇପାରୁନି କପଡ଼ା ଉତ୍ପାଦନ

## ଆହ୍ୱାନ ରଙ୍ଗ ମହୋତ୍ସବ – ୨୦୧୯ର ଚତୁର୍ଥ ସନ୍ଧ୍ୟା

**ଯାଜପୁର ଟାଉନ,୧୩।୧୧(ଡି.ଏନ୍.ଏ.)**

ଯାଜପୁରର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଆହ୍ୱାନ ନାଟ୍ୟ ସଂସ୍ଥା ତରଫରୁ ଆୟୋଜିତ ରଙ୍ଗ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ମଧୁସୂଦନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ରାଷ୍ଟ୍ରୀୟ ସୂଚନା କେନ୍ଦ୍ର, ଭୁବନେଶ୍ୱରର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ, ମୁଖ୍ୟବକ୍ତାଭାବେ ଯାଜପୁର ପୌରପରିଷଦର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ଯାଜପୁରକୁ ଆସୁଥିବା ବିଭିନ୍ନ ରାଜ୍ୟର ପ୍ରତିନିଧିଙ୍କୁ ଉଦ୍‌ବୋଧନ ଦେବାସହ ସ୍ଥାନୀୟ ପରିବେଶ ତାଙ୍କୁ ବିଶେଷଭାବେ ଆନନ୍ଦିତ କରିଥିବା କହିଥିଲେ। ଗଞ୍ଜାମର 'ଅନ୍ୟଦୃଷ୍ଟି' ନାଟ୍ୟସଂସ୍ଥା ପକ୍ଷରୁ ସୋମନାଥ ବେହେରାଙ୍କ ରଚିତ ଓ ନିର୍ଦ୍ଦେଶିତ 'ନେପଥ୍ୟେ', ଖୋର୍ଦ୍ଧା 'ଆନ୍ଦୋଳନ' ନାଟ୍ୟ ସଂସ୍ଥାର ସନ୍ତୋଷ ମହାନ୍ତିଙ୍କ ନିର୍ଦ୍ଦେଶିତ 'ଚାରିକାନ୍ଥ', ତ୍ରିପୁରା ରାଜ୍ୟ ଅଭିମୁଖ ନାଟ୍ୟସଂସ୍ଥାର ଅଭିଜିତ ଦାସଙ୍କ ନିର୍ଦ୍ଦେଶିତ ଓ ମିଥୁନ ଦେବନାଥଙ୍କ ରଚିତ ଶିଶୁ ନାଟକ 'ଉଡାଣ', ସମ୍ବଲପୁରର ଫୋକ୍ ଡ୍ୟାନ୍ସ, ଆସାମର ବିହୁ ଡ୍ୟାନ୍ସ, ବ୍ରହ୍ମପୁରର 'ଅସହାୟ ମଣିଷ' ପ୍ରଭୃତି ଅଭିନୀତ ହୋଇଥିଲା।

## ଜିଲା ପରିଷଦ ଉପନିର୍ବାଚନ ପାଇଁ ଆଚରଣବିଧି ବୈଠକ

**ଯାଜପୁର ଟାଉନ,୧୩।୧୧(ଡି.ଏନ୍.ଏ.)**

ଯାଜପୁର ଜିଲା ଦାନଗଦୀ ବ୍ଲକ ୮ନଂ ଜିଲାପରିଷଦ ଜୋନ୍‌ରେ ଆସନ୍ତା ୨୭ତାରିଖ ଦିନ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ପାଇଁ ୯୭ଟି ବୁଥ ବ୍ୟବସ୍ଥା କରାଯାଇଛି ବୋଲି ଉପଜିଲପାଳ ନାରାୟଣ ଚନ୍ଦ୍ର ଧଳ ସୂଚନା ପ୍ରଦାନ କରିଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଆଚରଣବିଧି ଲାଗୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଆଚରଣବିଧିକୁ ମାନିବା ପାଇଁ ଉପଜିଲାପାଳ ସମସ୍ତ ପ୍ରାର୍ଥୀ ଓ ଦଳଗୁଡ଼ିକୁ ଅନୁରୋଧ କରିଥିଲେ। ଉପନିର୍ବାଚନରେ ଜଣେ ପ୍ରାର୍ଥୀ ସର୍ବାଧିକ ୨ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବ ବୋଲି ଧଳ ସୂଚନା ଦେଇଥିଲେ। ଜଣେ ପ୍ରାର୍ଥୀ ସର୍ବାଧିକ ୨ଟି ଚାରିଚକିଆ ଓ ୪ଟି ମୋଟରସାଇକେଲ ବ୍ୟବହାର କରିପାରିବେ। ରାଜନୈତିକ ସଭାସମିତି ପାଇଁ ସ୍ଥାନୀୟ ତହସିଲଦାରଙ୍କଠାରୁ ଅନୁମତି ଆଣିବା ନିତ୍ୟାନ୍ତ ଆବଶ୍ୟକ ବୋଲି ବୈଠକରେ ଉପଜିଲାପାଳ ପ୍ରାର୍ଥୀଙ୍କୁ ସୂଚନା ଦେଇଛନ୍ତି। ବୈଠକରେ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ପ୍ରଭାତ କୁମାର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ବିଜେଡିରୁ ସ୍ମୃତିରଞ୍ଜନ ଦାଶ, ଭାଜପାରୁ ଚିତ୍ତରଞ୍ଜନ ମହାପାତ୍ରଙ୍କ ସମେତ ଦାନଗଦୀ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ କୁମାର ବେହେରା, ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ଆଚରଣବିଧି ପ୍ରସ୍ତୁତି ବୈଠକ।

## ଭାଗବତ କଥାମୃତ ଆଲୋଚନାର ଶେଷ ସନ୍ଧ୍ୟା

**ଯାଜପୁର ଟାଉନ,୧୩।୧୧(ଡି.ଏନ୍.ଏ.)**

ଯାଜପୁର ଦଶାଶ୍ୱମେଧଘାଟ ନିକଟସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ଭାଗବତ କଥାମୃତ ଆଲୋଚନାର ଶେଷ ସନ୍ଧ୍ୟାକୁ ଅନୁଷ୍ଠାନର ସଭାପତି ପ୍ରତିମା କର ପ୍ରଦୀପ ପ୍ରଜ୍ୱଳନ କରିବାପୂର୍ବକ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ସମ୍ପାଦକ ଚନ୍ଦ୍ର ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିବା ସହିତ ଶେଷ ସନ୍ଧ୍ୟାରେ ସପ୍ତଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରବଚକ ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର ନବଦା ଭକ୍ତିର ବିଷୟ ବସ୍ତୁ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ବନବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ନୃସିଂହ ଚରଣ ମହାପାତ୍ର, ବାସୁଦେବ ପାଣି, ରବିନାରାୟଣ ନାୟକ, କାହ୍ନୁ ଚରଣ ମିଶ୍ର, ସନ୍ତୋଷ ସ୍ୱର୍ଣ୍ଣାକାର, ଧୃବଚରଣ ଦାଶ, ଅଖିଳ ମୋହନ ଦାଶ, ବାସୁଦେବ ଦାଶ, ମଧୁସୂଦନ ମହାନ୍ତି, ଦିଲୀପ କୁମାର ପଣ୍ଡା, ଶଙ୍କର ସାହୁ, ଅନସୂୟା ମିଶ୍ର, ଆଶାଲତା ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ଯାଜପୁର ଟ୍ୟାକ୍ସି, ମିନିବସ୍ ଆସୋସିଏଶନ ସାଧାରଣ ସମ୍ପାଦକଭାବେ କର୍ଣ୍ଣାଟ କେଶରୀ ଦାସଙ୍କ ଦାୟିତ୍ୱ ଗ୍ରହଣ





ସାଧାରଣ ସମ୍ପାଦକ ଦାୟିତ୍ୱ ନେବା ଅବସରରେ ସଦସ୍ୟଙ୍କ ଗହଣରେ କର୍ଣ୍ଣାଟ କେଶରୀ ଦାସ।

**ଯାଜପୁର ଟାଉନ,୧୩।୧୧(ଡି.ଏନ୍.ଏ.)**

ଯାଜପୁର ଟ୍ୟାକ୍ସି ଓ ମିନିବସ୍ ଆସୋସିଏଶନ ସାଧାରଣ ସମ୍ପାଦକଭାବେ କର୍ଣ୍ଣାଟ କେଶରୀ ଦାସ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଆସୋସିଏଶନ୍‌ର ସମ୍ପାଦକଭାବେ କାର୍ଯ୍ୟ ତୁଲାଉଥିବା ବିଜୟ ମହାନ୍ତିଙ୍କ ବିୟୋଗ ପରେ ଏହି ଆସନ ଖାଲି ପଡ଼ିଥିଲା। ଯାଜପୁର ଟ୍ୟାକ୍ସି ଓ ମିନିବସ୍ ଆସୋସିଏଶନର ସଭାପତି ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପରାମର୍ଶ କ୍ରମେ ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନଙ୍କଦ୍ୱାରା ସାଧାରଣ ପରିଷଦ ସର୍ବସମ୍ମତିକ୍ରମେ କର୍ଣ୍ଣାଟକେଶରୀଙ୍କୁ ମନୋନିତ କରାଯାଇଥିଲା। ବୁଧବାର ସାଧାରଣ ସମ୍ପାଦକ କର୍ଣ୍ଣାଟ କେଶରୀ କ୍ଷେତ୍ରେଶ୍ୱରୀ ମା'ବିରଜାଙ୍କ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଗାଡ଼ିମାଲିକମାନେ କର୍ଣ୍ଣାଟକେଶରୀଙ୍କୁ ଆଣି ସ୍ୱାଗତ କରିଥିଲେ। ଆସୋସିଏଶନ୍‌ର ଉପସଭାପତି ଅସରଫ ଅଲ୍ଲି ଖାଁ, ପାର୍ବତୀ ବଲ୍ଲଭ ଦାଶ, ଉନ୍ନୟନ କମିଟି ଅଧ୍ୟକ୍ଷ ଇକବାଲ୍ ଅଲ୍ଲି ଖାଁ, ସେକ୍ ନସିମ, ଦୁର୍ଗା ପ୍ରସାଦ ଦାସ, ସାଜନ ଅଲ୍ଲୀ ଖାଁ, ସେକ୍ ମାସୁଦ୍, ଦିଲୀପ୍ କୁମାର ଦାଶ, ଶ୍ରୀକାନ୍ତ ଶାସ୍ତ୍ରୀ, ଅଶୋକ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଅଖିଳଚକ୍ର ପକ୍ଷରୁ ବରୁଣେଶ୍ୱର ପୀଠରେ ବୋଇତ ବନ୍ଦାଣ ଉତ୍ସବ

**ବିଞ୍ଝାରପୁର,୧୩।୧୧(ଡି.ଏନ୍.ଏ.)**

ବରୁଣେଶ୍ୱର ପୀଠରେ ଅଖିଳଚକ୍ର ପକ୍ଷରୁ ବୋଇତବନ୍ଦାଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ସଂଲଗ୍ନସ୍ଥିତ ପ୍ରବାହିତ କୁଶୀ ନଦୀରେ ସକାଳୁ ଅଗଣିତ ଭକ୍ତ ନୌକା ଭସାଇବା ସହିତ ଦୀପ ଜଳାଇଥିଲେ। ଏହି ଅବସରରେ ଅଖିଳଚକ୍ର ପକ୍ଷରୁ ସଙ୍ଗୀତ ସୁରଭୀ ସଂସ୍ଥାର ମହେଶ୍ୱର ପରିଡ଼ା ଓ ସାଥୀ କଣ୍ଠଶିଳ୍ପୀ ଗଣ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୋଗଦେଇ ପ୍ରାଚୀନ ଉତ୍କଳ ଓ ପ୍ରାଚୀନ ନୌବାଣିଜ୍ୟ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରଥମେ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବରୁଣେଶ୍ୱର ପୀଠ ଓ ଏହାର ସଂଲଗ୍ନ କୁଶଭଦ୍ରା ନଦୀର ଐତିହ୍ୟ ଓ ପରମ୍ପରା ଅତି ପ୍ରାଚୀନ ଓ ମହାନ। ଏଠାରେ ପ୍ରାଚୀନ ନୌବାଣିଜ୍ୟର ସନ୍ତକ ଏଠାରେ ଥିବା ଜଣାପଡ଼େ ବୋଲି କହିଥିଲେ। ଶ୍ରୀହରି ଧଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବୋଇତ ବନ୍ଦାଣ ଉତ୍ସବ ଓଡିଆ ସଂସ୍କୃତି, ଧର୍ମପରମ୍ପରାର ପ୍ରତୀକ ବୋଲି କହିଥିଲେ।

## ବରୁଣେଶ୍ୱର ପୀଠରେ କଳାତ୍ମକ ଫିଲ୍ମର ଶୁଭ ମହୁରତ



ବରୁଣେଶ୍ୱର ପୀଠରେ କଳାତ୍ମକ ଫିଲ୍ମର ଶୁଭ ମହୁରତ କରାଯାଉଛି।

**ବିଞ୍ଝାରପୁର,୧୩।୧୧(ଡି.ଏନ.ଏ)**

ଯାଜପୁର ଜିଲାର ଅନ୍ୟତମ ଶୈବକ୍ଷେତ୍ର ଅରେଇସ୍ଥିତ ବାବା ବରୁଣେଶ୍ୱର ପୀଠ ପରିସରରେ ବହୁ ଚର୍ଚ୍ଚିତ କଳାତ୍ମକ ଫିଲ୍ମ ନଟିଆ ଦି ଗ୍ରେଟ୍ ନାଟ ସମ୍ରାଟର ଶୁଭ ମହୁରତ ରାସପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହୋଇଛି। ଯୁବ ନିର୍ଦ୍ଦେଶକ ତଥା ଫିଲ୍ମର ମୁଖ୍ୟ ନାୟକ ଆଦିତ୍ୟ ମଥାନ୍ ନିର୍ଦ୍ଦେଶନାରେ ହେବାକୁ ଯାଉଥିବା ଏହି ଫିଲ୍ମର ଶୁଭଭୁହୁରତକୁ ପ୍ରସନ୍ନ ପରିଡା ଉଦ୍‌ଘାଟନ କରିଥିଲେ। ଫିଲ୍ମର ପ୍ରଜୋଜକ ଅରୁଣ କୁମାର ସେନାପତି , ସମାଜସେବୀ ରବୀନ୍ଦ୍ର କୁମାର ପରିଡା, ପର୍ଶୁରାମ କବି ପ୍ରମୁଖ ଉପସ୍ଥିତ ରହିଥିଲେ। ୧୯୯୯ ମହାବାତ୍ୟା ଘଟଣାବଳୀ ଉପରେ ଏହି ଫିଲ୍ମ ଆଧାରିତ ହୋଇଛି।

## ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ପୂଜା

**ବିଞ୍ଝାରପୁର,୧୩।୧୧(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ପ୍ରଭୁଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜା ମହାଆଡ଼ମ୍ବରରେ ପାଳିତ ହେଉଛି। ବ୍ଲକର ଫତେପୁର ପଞ୍ଚାୟତ ନଛିପୁର ଗ୍ରାମରେ ଗୁରୁକୁଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏହି ପୂଜା ଉତ୍ସବ ତିନିଦିନ ଧରି ମହାସମାରୋହରେ ପାଳିତ ହେଉଛି। କାର୍ତ୍ତିକ ପୂଜାପାଇଁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅନୁଷ୍ଠାନ ପକ୍ଷରୁ ସତ୍ୟବ୍ରତ ଗୁରୁ, ଜୟପ୍ରକାଶ ଗୁରୁ, ଜ୍ୟୋତି ପ୍ରକାଶ ଗୁରୁ, ରାକେଶ ସାହୁ, ବିଶ୍ୱଜିତ ସେଠୀ, ପଙ୍କଜ ଗୁରୁ, ରଜତ ଗୁରୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ସେହିପରି ନଛିପୁର କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ମଧ୍ୟମହା ଆଡମ୍ବରରେ ପୂଜା ପାଳିତ ହେଉଛି। ଏହି କମିଟି ପକ୍ଷରୁ କାହ୍ନୁ ଦାସ, ତପନ ଗୁରୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ସେହିପରି ବ୍ଲକର ଶାସନ୍ଦା, ମଇନ୍ଦା, ଚିକଣା, ବିଞ୍ଝାରପୁର, ମାଁସଡା, ପ୍ରୀତିପୁର, ସିଂହପୁର, ବାଛୋଳ ଆଦି ସ୍ଥାନଗୁଡ଼ିକରେ ମହାସମାରୋହରେ କାର୍ତ୍ତିକ ପୂଜା ପାଳିତ ହେଉଛି।





















## ଛତିଆରେ ଜମୁଛି କାର୍ତ୍ତିକେଶ୍ୱର ପୂଜା

**ଛତିଆ,୧୩।୧୧(ଡି.ଏନ୍.ଏ.)**

ଛତିଆ ଅଞ୍ଚଳର ବିଭିନ୍ନ ପୂଜାମଣ୍ଡପରେ କାର୍ତ୍ତିକେଶ୍ୱର ପୂଜା ପାଉଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ଭଜନ ସଂକୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ତ୍ତିକେଶ୍ୱର ପୂଜା ପାଇଁ ଉତ୍ସବ ମୁଖରିତ ହୋଇଉଠିଛି ସମଗ୍ର ଅଞ୍ଚଳ। ୨୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ ପୂଜା ପାଉଛନ୍ତି ହରପାର୍ବତୀ, କାର୍ତ୍ତିକେଶ୍ୱର, ରାମ ଆଦି ଠାକୁର ଛତିଆର ୟୁଥ୍ କ୍ଲବ୍, ଉପର ବଜାର, ଚାନ୍ଦିନିଚୌକ, ଦେବୀସାହି, ଶାନ୍ତି କୁଟୀର ମଠ, ଗୌରୀ ଶଙ୍କର ଇନ୍ଦ୍ରବଜାର, ଏକଡାଲିଆ, ସୋଲର, ନେଳିଆ, ବିଦ୍ୟାଧରପୁର, ଗୋପପୁର ଆଦି ସ୍ଥାନରେ ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପାଦନ କରାଯାଉଛି। ଆସନ୍ତା ୨୪ତାରିଖରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।



ତୁମେ ନିଜେ ସତ୍ ହୋଇଗଲେ, ଆଉ କିଛି ହେଉ ବା ନ ହେଉ ତୁମର ଏତକ ସନ୍ତୋଷ ହେଲା ଯେ ପୃଥିବୀର ଅସତ୍ ଲୋକଙ୍କ ସଂଖ୍ୟାରୁ ଗୋଟିଏ କମିଗଲା।
- କାର୍ଲାଇଲ୍



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ସାଉଣ୍ଡ ଅପରେଟରଙ୍କ ମୃତ୍ୟୁ

**କୋରେଇ,୧୩।୧୧(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ହଳଦୀଗଡ଼ିଆ ପଞ୍ଚାୟତର ଶାଳକଣା ଗ୍ରାମରେ ବୁଧବାର ବିଦ୍ୟୁତ୍ ଆଘାତରେ ଜଣେ ମାଇକ୍ ଅପରେଟଙ୍କ ମୃତ୍ୟୁ ହୋଇଛି। ମୃତ ଅପରେଟର ଜଣଙ୍କ ଏହି ଗ୍ରାମର ଅଜୟ କୁମାର ସ୍ୱାଇଁଙ୍କ ସାନ ପୁଅ କାଳନ୍ଦୀ(୨୧)। କୋରେଇ ପୋଲିସ ଘଟଣାସ୍ଥଳେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୯) ରୁଜୁକରି ତଦନ୍ତ ଚଳାଇଛି। କାଳନ୍ଦି ଏକ ଟେଣ୍ଟ ହାଉସ୍‌ରେ କାମ କରୁଥିଲେ। କାର୍ତ୍ତିକ ପୂର୍ଣ୍ଣିମା ଥିବାରୁ ଗ୍ରାମ ମହାଦେବ ମନ୍ଦିରରେ ମାଇକ ସେଟ୍ ଲଗାଇଥିଲେ। ମଙ୍ଗଳବାର ରାତିରେ ପୂଜା ଶେଷ ପରେ ବିଳମ୍ବିତ ରାତିରେ ମନ୍ଦିରରୁ ମାଇକ ସେଟ ଖୋଲିଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଯାଜପୁର ରୋଡ,୧୩।୧୧(ନି.ପ୍ର.):** ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଧବଳଗିରି ଅଞ୍ଚଳରୁ ବୁଧବାର ଯାଜପୁର ରୋଡ୍ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ଯୁବକ ଜଣଙ୍କ ଖୋର୍ଦ୍ଧା ଜିଲାର ମନୋଜ ସ୍ୱାଇଁ (୨୨)। ସେ ଫେରି ବ୍ୟବସାୟ କରୁଥିବାବେଳେ ଏକ ଭଡାଘରେ ରହୁଥିଲେ। ମଙ୍ଗଳବାର ରାତିରେ ଘରେ କେହି ନ ଥିବାବେଳେ ମନୋଜ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ସାଙ୍ଗମାନେ କହିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୧୩୧/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନାକୁ ପଠାଇଛି। ମନୋଜଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଥିବା ପୋଲିସ କହିଛି।

### ଅଷ୍ଟ ସହସ୍ରନାମ ଯଜ୍ଞ ଉଦ୍‌ଯାପିତ

**ବରୀ,୧୩।୧୧(ସ୍ୱ.ପ୍ର.):** ଯାଜପୁର ଜିଲା ବରୀ ବ୍ଲକ ଅଧୀନ ଗହପାଳ ଗ୍ରାମରେ ବୁଧବାର ଅଷ୍ଟ ସହସ୍ରନାମ ଯଜ୍ଞ ଆରମ୍ଭ ହୋଇ ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ନଗରକୀର୍ତ୍ତନ କରାଯାଇ ଭସାଣି ଉତ୍ସବ ହେବ। ଏହି ନାମଯଜ୍ଞରେ ସାମିଲ ହେବାକୁ ଆଖପାଖ ଗ୍ରାମବାସୀଙ୍କୁ ନିମନ୍ତ୍ରଣ ଦିଆଯାଉଥିବାରୁ ଏହାକୁ ଡାକନାମ ପର୍ବ ବୋଲି କୁହାଯାଇଥାଏ। ଏଭଳି ନିଆରା ପରମ୍ପରା ଦୀର୍ଘ ୬୭ ବର୍ଷ ହେବ ଚାଲିଆସୁଅଛି। କୁମାର ପୂର୍ଣ୍ଣିମୀଠାରୁ ଗ୍ରାମର ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ପ୍ରତ୍ୟେହ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। କାର୍ତ୍ତିକ ପୂର୍ଣ୍ଣିମୀ ପୂର୍ବରୁ ଗାଁ ଦାଣ୍ଡର ଅଳିଆ ଆର୍ବଜନାକୁ ସଫା କରାଯାଇ ପରିଷ୍କାର ପରିଚ୍ଛନ୍ନ କରାଯାଇଥାଏ। ପୂର୍ଣ୍ଣିମୀ ପର ଦିନ ଡାକନାମ ପର୍ବ ଆରମ୍ଭ ହୋଇ ଭଗବାନଙ୍କର ୧୦୮ ନାମକୁ ଭଜନକୀର୍ତ୍ତନ ମାଧମରେ ଗ୍ରାମର ୩ ୱାର୍ଡ ପରିକ୍ରମା କରାଯାଇଥାଏ। ଏଥିରେ ଗ୍ରାମର ୫ଶହରୁ ଊର୍ଦ୍ଧ୍ୱ ପରିବାର ସାମିଲ ହୋଇଥାନ୍ତି। ଚଳିତବର୍ଷ ୮ରୁ ୧୦ ଖଣ୍ଡ ଗ୍ରାମର କୀର୍ତ୍ତନମଣ୍ଡଳୀ ସାମିଲ ହୋଇଛନ୍ତି। ପ୍ରତ୍ୟହ ଛକରେ ୧୦ ଅବତାର ମୃଣ୍ମୟ ମୂର୍ତ୍ତି କରାଯିବା ସହିତ ୬ ଜଣ ଋଷିଙ୍କ ମୃଣ୍ମୟ ମୂର୍ତ୍ତି କରାଯାଇ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଗ୍ରାମ ବିଦ୍ୟାଳୟ ପରିସରରେ କମିଟିର ମୁଖ୍ୟ ବାନାମ୍ବର ମୁଦୁଲି, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରସାଦ ବଣ୍ଟନ କରିଥିଲେ।

# ପରମ୍ପରା ନାମରେ ବାଟ ହୁଡୁଛି ଆଇନ

**ହରିପୁର ରାହାସ ଯାତ୍ରା**

**ଅପେରାପାର୍ଟିକୁ ଅନୁମତି ପ୍ରଦାନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ**

**ରସୁଲପୁର,୧୩।୧୧(ଡି.ଏନ୍.ଏ.)**



ସମଗ୍ର ରାଜ୍ୟ ଓ ବାହାରେ ଯାଜପୁର ଜିଲା ହରିପୁର ରାହାସ ଉତ୍ସବର ଖ୍ୟାତି ରହିଛି। ଏହି ଅବସରରେ ପ୍ରଭୁ ରାଧାକୃଷ୍ଣଙ୍କ ଗାଥା ଉପରେ ଆଧାରିତ ବିଭିନ୍ନ କାରୁକୃତିର ପରମ୍ପରା ବହୁ ପୁରୁଣା। ମନ୍ଦିରମାଳିନୀ ହରିପୁର ଅଞ୍ଚଳ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଲୋକାରଣ୍ୟ ହୋଇଉଠେ। ରାଜ୍ୟରୁ ଓ ପଡ଼ୋଶୀ ରାଜ୍ୟରୁ ବି ଶ୍ରଦ୍ଧାଳୁ ଏଠାକୁ ଆସନ୍ତି। କୁଞ୍ଜ ଓ ବାରୁଆଳି ଦୃଶ୍ୟଭକ୍ତଙ୍କୁ ମନୋରଞ୍ଜନ ଯୋଗାଏ। ତେବେ ଏହି ପରମ୍ପରା କ୍ରମଶଃ ବିପଥଗାମୀ ହେବାରେ ଲାଗିଛି । କାଳକ୍ରମେ ଉତ୍କଳୀୟ କଳା, ସଂସ୍କୃତି, ପରମ୍ପରାକୁ ବ୍ୟବସାୟିକ ରଙ୍ଗ ଦିଆଯାଉଛି। ଯାହାଫଳରେ ହରିପୁର ଓ ତାର ଆଖପାଖ ଅଞ୍ଚଳରେ ରାହାସ କୁଞ୍ଜର ଝଲକ କମି ଯାଉଛି। ସମଗ୍ର ଉତ୍ସବସ୍ଥଳ ଅପେରା ପାର୍ଟି କବ୍‌ଜାକୁ ଚାଲିଯାଇଛି । ଏହି ଅଞ୍ଚଳରେ ଏକାଧିକ ଅଗ୍ରଣୀ ଯାତ୍ରାପାର୍ଟିଙ୍କୁ ଯାତ୍ରା ପରିବେଶଣ କରିବାକୁ ଅନୁମତି ମିଳିବା ଘଟଣାରୁ ଏହା ପ୍ରମାଣିତ ହେଉଛି। ଏ ଦିଗରେ ଅନୁମତି ପ୍ରଦାନକୁ ନେଇ ସ୍ୱଚ୍ଛତା ରହିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାମଗ୍ରିକ ଭାବରେ କହିବାକୁ ଗଲେ ପରମ୍ପରା ନାଁରେ ଆଇନ ବାଟ ହୁଡୁଛି ବୋଲି କୁହାଯାଉଛି। ଏହାକୁ ରୋକିବାରେ ଜିଲା ପ୍ରଶାସନ ବିଫଳ ହୋଇଛି।

ହରିପୁର ଅଞ୍ଚଳ ଏକ ଜନବହୁଳ ଅଞ୍ଚଳ ଭାବରେ ପରିଚିତ। ଏହି ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ୫ଦିନ ବ୍ୟାପି ନାମୀଦାମୀ ଅପେରା ପାର୍ଟି ଯାତ୍ରା ପରିବେଷଣ କରୁଛି। ଯାତ୍ରାକୁ ସ୍ଥାନୀୟ ଅଞ୍ଚଳର କମିଟି ପକ୍ଷରୁ ପରିଚାଳନା କରାଯାଉଛି। ତେବେ ଯାତ୍ରା ପାଇଁ ଅନୁମତି ପ୍ରଦାନ ଦିଗରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହେଉଛି । ଯାତ୍ରା ପରିବେଷଣ ପାଇଁ ଠିକ୍ ଭିତ୍ତିଭୂମୀ ନ ଥିବା ସତ୍ତ୍ୱେ ବି ଜିଲା ପ୍ରଶାସନ ପକ୍ଷରୁ ଅନୁମତି କେମିତି ପ୍ରଦାନ କରାଗଲା ତାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷେ ଅଗ୍ନିଶମ ଓ ବିଦ୍ୟୁତ ବିଭାଗର ପ୍ରାଥମିକ ତଦନ୍ତ ରିପୋର୍ଟକୁ ଆଧାର କରି ଜିଲା ପ୍ରଶାସନ ଅନୁମତି ପ୍ରଦାନ କରିଛି ବୋଲି କହୁଛି। ତେବେ ଏହି ଦୁଇ ବିଭାଗ କେଉଁ ଆଧାରରେ ଗାଁ ଓ ସାହି ମଝି ଅଞ୍ଚଳର ଟାପୁ ଜାଗାରେ ଯାତ୍ରା ପରିବେଷଣ ପାଇଁ ଅନୁମତି ଦିଆଯାଇଛି। କ୍ଷେତ୍ର ପରିଦର୍ଶନ କରି କି କାର୍ଯ୍ୟାଳୟରେ ବସି ଅନୁମତିପତ୍ର ଦିଆଯାଇଛି ବଢାଇ ଦେଇଛି ତାକୁ ନେଇ ସାଧରଣରେ ସନ୍ଦେହ ଉପୁଜିଛି। ଏପରିକି ବିଦ୍ୟୁତ ବିଭାଗ ପକ୍ଷରୁ ଏ ଦିଗରେ ଆଦୌ ସତର୍କତା ଅବଲମ୍ବନ କରାଯାଉ ନାହିଁ। ଏହାଛଡା ଯାତ୍ରା ପରିଚାଳନା କମିଟିର ସଦସ୍ୟମାନେ ୨୦ନଂ ଜାତୀୟ ରାଜପଥକୁ ନିଜ ଅକ୍ତିଆରକୁ ନେଇ ଯାଇଛନ୍ତି। ଅପେରା କମିଟିର ଲୋକେ ରାସ୍ତା ପାରକରି ହୋଡ଼ିଂଗୁଡିକୁ ଲଗାଇଛନ୍ତି। ରାସ୍ତାକଡରେ ବଡ଼ ବଡ଼ ଯାତ୍ରା ହୋଡିଂ ଲଗା ଯାଇଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ହରିପୁରଠାରୁ ବରୁଆଁ ଛକ ପର୍ଯ୍ୟନ୍ତ ପ୍ରାୟତଃ ୪କି.ମି. ଦୂର ରାସ୍ତାରେ ଟ୍ରାଫିକ୍ ମସସ୍ୟା ଉତ୍କଟ ହୋଇପଡିଛି। ଯାଜପୁର ଜିଲା ଚିକିତ୍ସା କେନ୍ଦ୍ରରୁ କଟକ ବଡ଼ ଡାକ୍ତରଖାନାକୁ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସକୁ ଯାତାୟତରେ ବାଧା ସୃଷ୍ଟି କରୁଛି। ଏହି ରାସ୍ତା ଦେଇ ଜିଲାର ପ୍ରଶାସନିକ ଅଧିକାରୀମାନେ ଯାତାୟତ କରୁଛନ୍ତି। ଏଭଳି ଦୃଶ୍ୟ ସେମାନଙ୍କୁ ବିଚଳତି ନ କରିବା ଘଟଣା ସେମାନଙ୍କ ଦାୟିତ୍ୱହୀନତାର ପରିଚୟକୁ ପଦାରେ ପକାଇ ଦେଇଛି। ଯାତ୍ରା ହୋଡିଂ ହରିପୁର ପ୍ରାଥମିକ ବିଦ୍ୟାଳୟ ପାଚେରୀ ଉପରେ ଲାଗିଛି। ବିଦ୍ୟାଳୟ ଗୃହକୁ ଯାତ୍ରା ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ଯାତ୍ରାପାର୍ଟିର ପ୍ରଚାର ଗାଡିର ପ୍ରତିଯୋଗିତାମୂଳକ ମନୋଭାବ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଛି । ଉଚ୍ଚକ୍ଷମତା ସମ୍ପନ୍ନ ଡାକବାଜୀ ଯନ୍ତ୍ରର ଶବ୍ଦରେ ଜନସାଧାରଣ ଅତିଷ୍ଠ ହୋଇପଡୁଛନ୍ତି। ଏସବୁ ସତ୍ତ୍ୱେ ସଂକୁଚିତ ଜାଗାରେ ଯାତ୍ରା ପରିବେଶଣ ପାଇଁ ଅନୁମତି ଦିଆଯିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଉଛି। ତେବେ ଏହି ସମୟରେ କୌଣସି ଅଘଟଣ ଘଟିଲେ ଲୋକେ ପଦାକୁ ବାହାରିବାର ସମ୍ଭାବନା କ୍ଷୀଣ ବୋଲି ମନେ ହେଉଛି। ସେଭଳି କିଛି ଅଘଟଣ ଘଟିଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସ୍ୱତଃ ପ୍ରଶ୍ନ ଲୋକଙ୍କ ମନକୁ ଆସୁଛି। ପରମ୍ପରା ନାଁରେ ଅଘଟଣକୁ ସ୍ୱାଗତ କରିବା ଭଳି ଅବସ୍ଥା ଉପୁଜିବାକୁ ଆଦୌ ପ୍ରଶୟ ଦିଆ ନ ଯାଉ ବୋଲି ବିଭିନ୍ନ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ଅଗ୍ନଶମ ଓ ବିଦ୍ୟୁତ ବିଭାଗର ପ୍ରାଥମିକ ତଦନ୍ତ ରିପୋର୍ଟ ଆଧାରରେ ଅନୁମତି ଦିଆଯାଇଛି। କୌଣସି ସମସ୍ୟା ହେଉଥିଲେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଯିବ ବୋଲି ମତ ରଖିଛନ୍ତି। ଏହାଛଡ଼ା ଚଳିତବର୍ଷ ଅନୁମତି ମିଳିଛି ନାଁ ଆଗରୁ ଏଭଳି ଅନୁମତି ମିଳୁଥିଲା ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି ।

## କୃଷି ଋଣ ଛାଡ଼ ସହ ମାଗଣା ବିହନ ଯୋଗାଣ ଦାବି

**ସିଂହପୁର,୧୩।୧୧(ଡି.ଏନ୍.ଏ.)**

ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର, ଓଳେଇ ଚନ୍ଦନପୁର, ନାଉବାଙ୍କ, ନେମରା ଅଞ୍ଚଳରେ ଶହଶହ ଏକର ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟାର ୪ ଦିନପରେ ମଧ ଧାନଜମିରେ ପାଣି ଜମି ରହିଛି। ଅଧିକାଂଶ ସ୍ଥାନରେ ଧାନ ଗଛ ଜମିରେ ପଡିଥିବାରୁ ଧାନଗଛ ପଚିବା ଆରମ୍ଭ ହେଲାଣି। ବିରି ଚାଷ ଜମିରେ ମଧ ଆଣ୍ଠୁଏ ପାଣି ଜମି ରହିଛି। ସେହିପରି ପନିପରିବା ଚାଷ ମଧ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଧାରକରଜ ଓ ସୋସାଇଟିରୁ ଋଣ ଆଣି ଚାଷ କରିଥିବା ଚାଷୀ ଫସଲ ନଷ୍ଟ ହୋଇଯିବା ଦେଖି ଚିନ୍ତାରେ ପଡିଛନ୍ତି। ବାତ୍ୟା ସେମାନଙ୍କ ଆହାର ଛଡାଇ ନେଇଛି। ଏଭଳିସ୍ଥିତିରେ ଋଣ ସୁଝିବା ଏବେ ତାଙ୍କ ପକ୍ଷେରେ ଅସମ୍ଭବ ହୋଇଥିବା ବହୁ ଚାଷୀ କହିଛନ୍ତି। ଜିଲା ପ୍ରଶାସନ କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣ ଛାଡ ଓ ଆଗାମୀ ଫସଲ ପାଇଁ ସହାୟତା ଯୋଗାଇ ଦେବାକୁ ଅଭୟ ଦାସ, ଭୀମସେନ ଖିଲାର, ସନାତନ ସାମଲ, ଶ୍ୱେତ ବେଉରିଆ, ଭାଗବତ ନାୟକ, ପଦ୍ମଲୋଚନ ସାମଲ, ବିଷ୍ଣୁଚରଣ ମଲିକ, ଶରତ ସାମଲ, ମେଘନାଦ ଜେନାଙ୍କ ସହ ବହୁ ଚାଷୀ ଦାବି କରିଛନ୍ତି।

## ବିଦ୍ୟୁତ୍ ଲାଇଟ୍ ସଂଯୋଗ ଦାବି

**ଯାଜପୁର ରୋଡ,୧୩।୧୧(ନି.ପ୍ର.):** ଯାଜପୁର ରୋଡ୍ ବ୍ୟାସନଗର ପୌର ପରିଷଦର ଗୋପବନ୍ଧୁ ଛକଠାରୁ ସହର ମଧ ଦେଇ ଯାଇଥିବା ଚୋର୍ଦ୍ଧା ଛକ ପର୍ଯ୍ୟନ୍ତ ୨ କିମି ରାସ୍ତା ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ କରାଯାଇଛି। ଗାନ୍ଧୀ ଜୟନ୍ତୀ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଏହି ଘୋଷଣା କରାଯାଇଥିଲା। ଏହାପରେ ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ବିଦ୍ୟୁତ୍ ଲାଇଟ୍ ହଟାଇ ଦିଆଯାଇ ରାସ୍ତାର ଡିଭାଇଡରରେ ଲାଇଟ୍ ସଂଯୋଗ ପାଇଁ ଖୁଣ୍ଟ ସଂଯୋଗ କରାଯାଇଛି। ୩ ମାସ ହେବ କେବଳ ଖୁଣ୍ଟ ପୋତା କାମ ଚାଲିଥିବାବେଳେ ଲାଇଟ୍ ସଂଯୋଗ ହୋଇପାରୁ ନାହିଁ। ଫଳରେ ସହରର ପ୍ରମୁଖ ବାଣିଜ୍ୟ କେନ୍ଦ୍ର କୁହାଯାଉଥିବା ରାସ୍ତା ଅନ୍ଧାର ରହୁଥିବାରୁ ରାତିରେ ଯାତାୟାତରେ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିବାରୁ ଡିଭାଇଡରରେ ପୂର୍ତ୍ତ ବିଭାଗ ଲାଇଟ ସଂଯୋଗ କରିବ ବୋଲି ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। କିନ୍ତୁ ପୂର୍ତ୍ତ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ବଣିକ ସଂଘ ଅଭିଯୋଗ କରିଛି। ରାସ୍ତାରେ ବିଦ୍ୟୁତ୍ ସଂଯୋଗ ଏବଂ ସହରରେ ସଫେଇ ପାଇଁ ପୌରପରିଷଦକୁ ଟ୍ୟାକ୍ସ ପ୍ରଦାନ କରାଯାଉଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିବା ବଣିକ ସଂଘର ଚୈୟାରମ୍ୟାନ୍ ବସନ୍ତ କୁମାର ପାତ୍ର ଓ ସମ୍ପାଦକ ଆସିତ୍ ବିଶ୍ୱାଳ କହଛନ୍ତି। ଏହାକୁ ନେଇ ଆଗାମୀ ଦିନରେ ପୌରପରିଷଦ କାର୍ଯ୍ୟାଳୟରେ ଧାରଣା ଦିଆଯିବା ନେଇ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୌରପରିଷଦର ପ୍ରଶାସକ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ, ପୂର୍ତ୍ତ ବିଭାଗ ପକ୍ଷରୁ ଲାଇଟ୍ ସଂଯୋଗ କରିବା ପାଇଁ ଏକ ସଂସ୍ଥାକୁ ଟେଣ୍ଡର କରାଯାଇଛି। ଉକ୍ତ ସଂସ୍ଥାକୁ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।



**ମହାତ୍ମା ଗାନ୍ଧୀ ମାର୍ଗ**

## ଭାଜପା ସାଂଗଠନିକ ବୈଠକ

**ସିଂହପୁର,୧୩।୧୧(ଡି.ଏନ୍.ଏ.)**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ବୁଧବାର ଦରିଆ ନାହାକାଣୀଙ୍କ ପୀଠରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଭାଜପା ନେତ୍ରୀ ବବିତା ମଲିକଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ଏଥିରେ ସାଂଗଠନିକ ପ୍ରଭାରୀ ପ୍ରତାପ ମିଶ୍ର, ସତ୍ୟବାଦୀ ଚଇନି, ଭାସ୍କର ଜେନା ଉପସ୍ଥିତ ରହି ଏହି ନିର୍ବାଚନମଣ୍ଡଳୀରେ ନୂତନ ୨୦୩୭୪ ସଭ୍ୟସଂଗ୍ରହ କରାଯାଇ ଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଆଗାମୀ ଦିନରେ ସାଂଗଠନିକ ନିର୍ବାଚନକୁ ସହମତି ଭିତ୍ତିରେ କରିବା ପାଇଁ ପୂର୍ବତନ ବ୍ଲକ ଅଧକ୍ଷ ପୁରୁଷୋତ୍ତମ ବେହେରା, ମହିଳା ନେତ୍ରୀ ନମିତା ନାୟକ, ମତ ଦେଇଥିଲେ। ଆହୁରି ଅଧିକ ସଭ୍ୟ ସଂଗ୍ରହ କରିବା ପାଇଁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବାକୁ ଜିଲା ସମ୍ପାଦକ ଧୀରେନ ଦାସ, ଜିତେନ୍ଦ୍ର ବିଶ୍ୱାଳ ପରାମର୍ଶ ଦେଇଥିଲେ। କୃଷ୍ଣଚନ୍ଦ୍ର ଭୂୟାଁ, ରତିକାନ୍ତ ସାମଲ, ନିରଞ୍ଜନ ବେଉରିଆ, ରାଜେନ୍ଦ୍ର ନାୟକ, ମଦନ ମୋହନ ଜେନା, ଶିବପ୍ରସାଦ ଧଳ, ରାଣାପ୍ରତାପ ମହାପାତ୍ର, ବାସୁଦେବ ମହାପାତ୍ରଙ୍କ ସମେତ ଶତାଧିକ ଭାଜପା କର୍ମୀ ବୈଠକରେ ଉପସ୍ଥିତ ଥିଲେ।

## ଭୂଇଁରୁ ଉଠିପାରୁନି ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ

**ଛତିଆ,୧୩।୧୧(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରୁ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଅନ୍ୟତମ। ସରକାରଙ୍କ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଶୁଦ୍ଧ ଜଳ ଯୋଗାଣ ନିମନ୍ତେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇ ଶୁଭ ଦିଆଯାଉଛି। ହେଲେ ବିଡମ୍ବନାର ବିଷୟ ଶୁଭ ଦିଆଯିବା ପରେ ଭୂଇଁରୁ ଉଠିପାରୁନି ପ୍ରକଳ୍ପ କାର୍ଯ୍ୟ। ଏହିଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକ ଅନ୍ତର୍ଗତ ନବଗଠିତ ନେଳିଆ ପଞ୍ଚାୟତର ବିଦ୍ୟାଧରପୁର ରାହୁତା ପୋଖରୀ ହୁଡ଼ା କାର୍ଯ୍ୟରେ। ୨୦୧୮ ଡିସେମ୍ବରରେ ସ୍ଥାନୀୟ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା ହେଲେ ଉକ୍ତ ଶିଳାନ୍ୟାସ ରାତିରେ ହିଁ କେହି ଦୁର୍ବୃତ୍ତ ଫଳକକୁ ତାଡ଼ି ନେଇଥିଲେ। ସେବେଠାରୁ ହିଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ସ୍ଥାନୀୟ ଅଞ୍ଚଳର ବାସିନ୍ଦା ପାଣି ମୁନ୍ଦେ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ ପ୍ରକଳ୍ପ ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନାହିଁ। ତୁରନ୍ତ ଉକ୍ତ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଆସୁଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।



## ବୁଲ୍‌ବୁଲ୍ କ୍ଷୟକ୍ଷତି ଆକଳନ କଲେ କୃଷି ଅଧିକାରୀ

**ରତ୍ନଗିରି,୧୩।୧୧(ଡି.ଏନ୍.ଏ.)**

ରାଜ୍ୟରେ ବୁଲ୍‌ବୁଲ୍ ପ୍ରଭାବରେ ପ୍ରଭାବିତ ହୋଇଥିବା ଚାଷଜମିର କ୍ଷୟକ୍ଷତି ଆକଳନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ବୁଧବାର ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳରେ ମଣ୍ଡଳ କୃଷୀ ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ କ୍ଷୟକ୍ଷତି ଆକଳନ କରିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କୃଷି ଅଧିକାରୀ କହିଛନ୍ତି। ଏହି ଟିମ୍ ଅଲିପୁର ପଞ୍ଚାୟତ ଅଧୀନସ୍ତ ସାରନ୍ଦା ପାଟ, ବାଲିବିଲ ପଞ୍ଚାୟତର ବାଲିବିଲ, କ୍ଷେମେଶ୍ୱର କେଁକରଡା, କୋରଡାପିପଳ, ଢିଅସାହି, ବରୀ ପଞ୍ଚାୟତରେ କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ଚାଷଜମି ବୁଲି ଦେଖିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ଆଲୋଚନା କରିଛନ୍ତି। କୃଷୀ ଅଧିକାରୀଙ୍କ ଅତିରିକ୍ତ ବୈଷୟିକ ଅଧିକାରୀ ପ୍ରିୟରଞ୍ଜନ ରାଉତ, ରାଜସ୍ୱ ନିରୀକ୍ଷକ ଦୀପକ ଜେନା ଓ କୃଷକ ସାଥୀ ସାମିଲ ହୋଇଥିଲେ।

## ଧାନ ଫସଲ କ୍ଷୟକ୍ଷତି ଆକଳନ ନେଇ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର ରୋଡ୍,୧୩।୧୧(ନି.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ବନ୍ଦାଳ ଓ ଅମୃତିଆ ପଞ୍ଚାୟତରେ ବୁଲ୍‌ବୁଲ ପ୍ରଭାବରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପଞ୍ଚାୟତରେ କ୍ଷୟକ୍ଷତି ଆକଳନ ପାଇଁ କୃଷି ବିଭାଗ ଓ ରାଜସ୍ୱ ବିଭାଗର କୌଣସି ଅଧିକାରୀ ପହଞ୍ଚ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବୁଧବାର ରାମଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ୨ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀ ଜିଲାପଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟଭାର ଜିଲାପାଳ ମିହିର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ତୁରନ୍ତ ଦୁଇ ପଞ୍ଚାୟରେ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଦାବି କରାଯାଇଛି। ବୁଲ୍‌ବୁଲ୍ ଯୋଗୁ ଅଧିକାଂଶ ଧାନ ଜମିରେ ପାଣି ଜମି ରହିଛି। ଫଳରେ ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ ଆଣି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ରଜସ୍ୱ ବିଭାଗ ଓ କୃଷି ବିଭାଗ ତୁରନ୍ତ କ୍ଷୟକ୍ଷତି ଆକଳନ କରି ସରକରଙ୍କୁ ରିପୋର୍ଟ ଦେବା ପାଇଁ ଯୁବ ନେତା ପ୍ରଶାନ୍ତ ମହାପାତ୍ର ଦାବି କରିଛନ୍ତି।

### ଦୀର୍ଘଦିନ ହେବ ଚାଲିଛି ପୋଲ ସମ୍ପ୍ରସାରଣ କାମ

## ରାସ୍ତା ବନ୍ଦକୁ ନେଇ ଠିକାଦାରଙ୍କୁ ଘେରିଲେ ଗ୍ରାମବାସୀ

**କୋରେଇ,୧୩।୧୧(ସ୍ୱ.ପ୍ର)**

୧୬ ନମ୍ବର ଜାତୀୟ ରାଜପଥକୁ ୬ ଲେନ୍ କରାଯାଉଛି। ଏନେଇ ବିଭିନ୍ନ ସ୍ଥାନରେ ଗୋଟିଏ ପଟେ ଗାଡି ଛଡାଯାଉଥିବାରୁ ବହୁ ଦୁର୍ଘଟଣା ଘଟୁଛି। ପାଣିକୋଇଲି ବଜାରରେ ୫ ମାସ ହେବ ଏକ ଡ୍ରେନ୍ ନିର୍ମାଣଧୀନ ରହିଛି। ମାତ୍ର ହାତଗଣତି ୨ରୁ ୪ ଜଣ ଶ୍ରମିକଙ୍କୁ ନେଇ କାମ କରାଯାଉଥିବାର କାମ ସରିବାରେ ବିଳମ୍ବ ହେଉଥିବା କୁହାଯାଉଛି। ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଆଗରେ ଦୀର୍ଘ ଦିନ ହେବ ଗାତ ଖୋଳାଯାଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଅନେକ ସ୍ଥାନରେ ନିର୍ମାଣାଧୀନ ଡ୍ରେନ୍ ଖୋଲାମେଲାରେ ପଡିଥିଲେ ମଧ ସେଥିପ୍ରତି ଠିକାସଂସ୍ଥା ପକ୍ଷରୁ ଧ୍ୟାନ ଦିଆଯାଉ ନାହିଁ। ସେହିପରି ପଥରପଦା ନିକଟରେ ୨ ପୋଲ ସମ୍ପ୍ରସାରଣ ଯୋଗୁ ବର୍ଷାଧିକ କାଳ ହେବ ରାସ୍ତା ବନ୍ଦ ରହିଛି । ବୁଧବାର ବାଇକ୍ ଚଳାଚଳ ପାଇଁ ଛଡାଯାଇଥିବା ରାସ୍ତାକୁ ମଧ ବନ୍ଦ କରାଯାଇଥିଲା। ଏହାକୁ ବିରୋଧକରି ପଥରପଦା, କାଜିପାଟଣା, ନୂଆଗାଁର ଅଧିବାସୀ କାମସ୍ଥଳରେ ପହଞ୍ଚି ଠିକାଦାରଙ୍କୁ ଘେରିଥିଲେ। ଠିକାଦାର ଜେସିବି ସହାୟତାରେ ରାସ୍ତା ସଫାକରି ବାଇକ୍ ଯାତାୟାତ ପାଇଁ ବାଟ କରିବା ପରେ ଗ୍ରାମବାସୀ ଠିକାଦାରଙ୍କୁ ଛାଡିଥିଲେ। ତେବେ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ତୁରନ୍ତ କାର୍ଯ୍ୟ ସାରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ ପକ୍ଷରୁ ଦାବି କରାଯାଇଛି।



ଜେସିବି ସହାୟତାରେ ରାସ୍ତା କାମ କରାଯାଉଛି।

## ରାସ୍ତା ମରାମତି ନେଇ ଆନ୍ଦୋଳନ ଚେତାବନୀ

**ଯାଜପୁର ରୋଡ୍,୧୩।୧୧(ନି.ପ୍ର.)**



**୨୦ ନଂ ଜାତୀୟ ରାଜପଥ**

୧୬ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପାଣିକୋଇଲି ରାଜାମୁଣ୍ଡା ୨୦ନଂ ଜାତୀୟ ରାଜପଥ ଅସୁରକ୍ଷିତ ହୋଇପଡିଛି। ବିଶେଷକରି ପାଣିକୋଇଲିଠାରୁ ରଗଡି ପର୍ଯ୍ୟନ୍ତ ୨୦ କିମି ରାସ୍ତାରେ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ଦୁଇ ମାସ ମଧରେ ୧୫ରୁ ଊର୍ଦ୍ଧ୍ୱଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ବୀଣାପୁର ଫାୟାର ଷ୍ଟେଶନ୍ ବାଇପାସ୍ ଛକ ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ଛକ ନିକଟରେ ୫ଟି ରାସ୍ତା ସଂଯୋଗ କରାଯାଇଥିବାବେଳେ ଟ୍ରାଫିକ୍ କର୍ମଚାରୀଙ୍କ ଅଭାବରୁ ଦୁର୍ଘଟଣା ବଢୁଥିବା ଅଭିଯୋଗ ହୋଇଛି। ଏହି ଦୁଇଟି ବାଇପାସ୍ ରାସ୍ତାର ପ୍ଲାନିଂ ତ୍ରୁଟି ଓ ରାସ୍ତା ନିର୍ମାଣ ନିମ୍ନମାନର ହୋଇ ଥିବାରୁ ଦୁର୍ଘଟଣା ଘଟୁଥିବା କୁହାଯାଉଛି। ଏହି ବାଇପାସ୍‌କୁ ମରାମତି ପାଇଁ ଜାତୀୟ ରାସ୍ତା ସୁରକ୍ଷା ମଞ୍ଚ ପକ୍ଷରୁ ବିଦ୍ୟାଧର ମହାନ୍ତି ବାବୁଲାଲ୍ ଗୁରୁଙ୍କ ନେତୃତ୍ୱରେ ୨୦୧୭ ଅକ୍ଟୋବର ୨ ତାରିଖରେ ଧାରଣା ଦିଆଯାଇଥିଲା। ଏହାପରେ ଜିଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୬ ମାସ ମଧରେ ୨ଟି ବାଇପାସ୍ ରାସ୍ତାକୁ ପୂର୍ଣ୍ଣ ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଯାଜପୁର ରୋଡ ଅଞ୍ଚଳର ବହୁ ଗଣ ସଂଗଠନ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି କହିଛନ୍ତି। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଡିସେମ୍ବର ୧ରେ ସଡ଼କ ସୁରକ୍ଷା ମଞ୍ଚ ରାଜପଥ ଅବରୋଧ କରିବ ବୋଲି ଆବାହକ ବାବୁଲାଲ ଚେତାବନୀ ଦେଇଛନ୍ତି।



ନୀତିମୟ ଜୀବନଯାପନ କଲେ ମଣିଷ ଉଦାର ଓ ନମ୍ର ହୋଇଥାଏ। ଏହାଦ୍ୱାରା ସେ ସୁଗୁଣର ଅଧିକାରୀ ହୁଏ ଓ ସର୍ବଦା ସତ୍‌କର୍ମ କରେ। ଏହି ସତ୍‌କର୍ମ ହିଁ ମଣିଷକୁ ନିର୍ବାଣ ପ୍ରାପ୍ତିରେ ସାହାଯ୍ୟ କରିଥାଏ। -ବୁଦ୍ଧଦେବ



## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ

**ରଣପୁର,୧୩।୧୧(ସ୍ୱ.ପ୍ର.):** ରଣପୁର ଥାନା ଖଇରପଲ୍ଲି ପଞ୍ଚାୟତର ବାଦଭୂଇଁ ଗ୍ରାମରେ ବୁଧବାର ସାପ କାମୁଡାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରତାପ ଚନ୍ଦ୍ର ମହାରଣା (୫୧)। ପୂର୍ବାହ୍ନ ୧୧ଟା ସମୟରେ ପ୍ରତାପ ଘର ବାରିପଟେ ବହୁ ଦିନରୁ ରଖାଯାଇଥିବା କାଠ ବାହାର କରୁଥିବାବେଳେ ତାଙ୍କୁ ଏକ ସାପ କାମୁଡିଦେଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ରଣପୁର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଚିକିତ୍ସା କରୁଥିବା ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରତାପଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନିଶାଦ୍ରବ୍ୟର ଅବାଧ ବିକ୍ରି

**ଦଶପଲ୍ଲା,୧୩।୧୧(ଡି.ଏନ୍.ଏ.)-** ଦଶପଲ୍ଲା ବ୍ଲକର ବିଭିନ୍ନ ଅଞ୍ଚଳରେ ନିଶାଦ୍ରବ୍ୟର ଅବାଧ କାରବାର ହେଉଛି। ବିଶେଷ କରି ଗଞ୍ଜେଇ ସିଗାରେଟ୍ ବିକ୍ରି ହେଉଥିବା ଜଣାଯାଇଛି। ସହର ସମେତ ବିଭିନ୍ନ ଗଳିକନ୍ଦିରେ କେତେକ ଦୋକାନୀ ଏହା ବିକ୍ରି କରୁଛନ୍ତି। ବହୁ ପାନ ଦୋକାନରେ ଏହି କାରବାର ଚାଲିଛି। ଏହି ସିଗାରେଟ୍ ଟାଣି ଯୁବକମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବା ସହ ଛୋଟବଡ଼ ଚୋରି କରୁଥିବା ଜଣାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

### ସପ୍ତାଙ୍ଗ କାର୍ଯ୍ୟକ୍ରମ ଉଦ୍‌ଯାପିତ, ଗ୍ରାମ ପରିକ୍ରମା କଲେ କୃଷ୍ଣ, ବଳରାମ

**ଖଣ୍ଡପଡ଼ା,୧୩।୧୧(ସ୍ୱ.ପ୍ର.)-** ଖଣ୍ଡପଡ଼ା ମଣିକର୍ଣ୍ଣିକା ସାହିର ଆରାଧ୍ୟ ଭିଆଣିଆ ଗୋପୀନାଥ ଦେବଙ୍କ ପୀଠରେ ସପ୍ତାଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସାହାଯ୍ୟ ଓ ସହଯୋଗରେ ହୋମଯଜ୍ଞ, ବେଦପାଠ, ଭାଗବତ କଥାମୃତ, ସୂର୍ଯ୍ୟପୂଜା ଆଦି ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ବୈଦ୍ୟନାଥ ମହାନ୍ତି କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂର୍ଣ୍ଣାହୁତି ଉତ୍ସବରେ ଗଣ୍ୟମାନ୍ୟ ବ୍ୟକ୍ତି, ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି କିଆଝରପାଟଣା ଗ୍ରାମରେ ୭ଦିନ ଧରି ଚାଲିଥିବା ସପ୍ତାଙ୍ଗ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର କୁନିକୁନି ପିଲା ଓ ମାନସିକଧାରୀ ବ୍ୟକ୍ତିମାନେ କୃଷ୍ଣ, ବଳରାମ, ସୁଦାମ, ସୁବଳ ଆଦି ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରଥିଲେ। ଏହି ସମୟରେ ଗାଁର ଝିଅ, ବୋହୂ ଓ ମହିଳାମାନେ କୃଷ୍ଣ, ବଳରାମଙ୍କୁ ବନ୍ଦାପନା କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ଖଣ୍ଡପଡ଼ା,୧୩।୧୧(ସ୍ୱ.ପ୍ର.)-** କଣ୍ଟିଲୋ ବାପୁଜୀନଗରର ଶ୍ରୀମଦ୍ ଭାଗବତ ଅନୁଷ୍ଠାନ ଆନୁକୂଲ୍ୟରେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଭୋଗଡା, ଧାନଚେଙ୍ଗଡା, ୱାଲିପୁର, ହାତକଟା, ଇଟାମାଟିର ତ୍ରିପୁରା, ଛାମୁଣ୍ଡିଆ, ଚୈତନ୍ୟପୁର, ଚିଙ୍ଗୁଡି ଗାଡିଆ ଓ ବାପୁଜୀ ନଗରସ୍ଥିତ ନୀଳମାଧବ ଭାଗବତ ଅନୁଷ୍ଠାନ ଆଦି ୯ଟି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମଯଜ୍ଞ ଆୟୋଜନ କରାଯାଇଥିଲା। ଶେଷରେ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମବାସୀ ନଗର କୀର୍ତ୍ତନ କରିଥିଲେ। ସେହିପରି ବିଶ୍ୱଶାନ୍ତି ନିମନ୍ତେ ବାଣପୁର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ସୋମବାର ଅଧିବାସ, ମଙ୍ଗଳବାର ନାମଯଜ୍ଞ ଓ ବୁଧବାର ନଗର କୀର୍ତ୍ତନ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ରାମଲୀଳା ପରିବେଷଣ ହୋଇଛି। ସିଧାମୂଳା ଗ୍ରାମବାସୀ ଓ ଶ୍ରୀଶ୍ରୀ ପଞ୍ଚାନନ ମେଳା କମିଟି ଆନୁକୂଲ୍ୟରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ସପ୍ତାହବ୍ୟାପୀ ଏକ ଲକ୍ଷ ଆଠ ଦୀପଦାନ ଓ ହରିନାମ ସଂକୀର୍ତ୍ତନ ସମ୍ପନ୍ନ ହୋଇଛି।

■ ନୟାଗଡ଼ ବ୍ଲକ ଯଦୁପୁର ଗ୍ରାମ

# ନଷ୍ଟ ହେଉଛି ଜାମୁ ଜଙ୍ଗଲ

**ନୟାଗଡ଼ ଅଫିସ,୧୩।୧୧**



ଜାମୁ ଜଙ୍ଗଲ

■ କୂଳ ଲଙ୍ଘୁଛି ଡାହୁକା
■ ଗଛର ସୁରକ୍ଷା ଦାବି

ନୟାଗଡ଼ ସହରଠାରୁ ୫ କିଲୋମିଟର ଦୂର ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ଗ୍ରାମ ଡାହୁକା ନଦୀ କୂଳରେ ରହିଛି ବୃହତ୍ତ ଜାମୁ ଜଙ୍ଗଲ। ୮୦୦ ମିଟର ପରିଧିରେ ୨୦ ଏକରରୁ ଊର୍ଦ୍ଧ୍ୱ ଜମିରେ ପ୍ରାୟ ୫୦୦ରୁ ଅଧିକ ଜାମୁଗଛ ରହିଛି। ପୂର୍ବେ ଠେଙ୍ଗାପାଳି କରି ଲୋକେ ଏହି ଜଙ୍ଗଲ ଜଗି ଆସୁଥିଲେ। ବର୍ତ୍ତମାନ ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ତଥା ରକ୍ଷଣାବେକ୍ଷଣ ଅଭାବରୁ ଜଙ୍ଗଲ ନଷ୍ଟ ହେବାକୁ ବସିଥିବା ଅଭିଯୋଗ ହେଉଛି। ଜଙ୍ଗଲ ନିକଟରେ ଥିବା ଡାହୁକା ନଦୀ କୂଳ ଲଙ୍ଘିବା ଓ ଗଛଗୁଡ଼ିକ ଭାଙ୍ଗିଯିବା କାରଣରୁ ଏହା ଅବକ୍ଷୟ ଆଡ଼କୁ ଗତି କରୁଛି। ବର୍ଷକ ବାରମାସ ଏଠାରେ ଲୋକଙ୍କ ଆଗମନ ହୋଇଥାଏ। ଖରାଦିନେ ଟିକେ ଛାଇ ଲାଗି ବାଟୋଇମାନେ ସେଠାରେ ବସି ସୁଲୁସୁଲିଆ ପବନର ମଜା ନିଅନ୍ତି। ବର୍ଷା ଦିନେ ଲୋକମାନେ ଜାମୁ କୋଳି ତୋଳିବାକୁ ଆସନ୍ତି। ସେହିଭଳି ଶୀତଦିନ ଏଠାରେ ବଣଭୋଜି ମଧ୍ୟ ହୁଏ। କିଛି ବର୍ଷ ହେଲାଣି ନିକଟରେ ଜଳସେଚନ ବିଭାଗ ତରଫରୁ ଡାହୁକା ଡ୍ୟାମଠାରେ ଛୋଟ ପିଲାଙ୍କ ପାଇଁ ପାର୍କ ଓ ଆନିକଟ ଥିବାରୁ ବିଭିନ୍ନ ସମୟରେ ମଧ ଏଠାରେ ଲୋକଙ୍କ ଭିଡ଼ ଜମୁଛି।

ଯଦୁପୁର ଗ୍ରାମରେ ଥିବା ଏହି ଜାମୁ ଜଙ୍ଗଲଟି ପାଇଁ ଲୋକମାନେ ଉପକୃତ ହେଉଛନ୍ତି। ୨୦୦ ପରିବାରକୁ ନେଇ ଗଠିତ ଯଦୁପୁର ଗ୍ରାମ । ପୂର୍ବରୁ ଏହି ଜାମୁ ଜଙ୍ଗଲ ବୃକ୍ଷଶୂନ୍ୟ ହୋଇ ପଡ଼ିଥିଲା। ଗ୍ରାମର ମୋଚି ମହାପାତ୍ର ଏହି ଉଜୁଡି ପଡିଥିବା ଜଙ୍ଗଲକୁ ୧୯୫୫ ମସିହାରୁ ଠେଙ୍ଗାପାଳି କରି ଜଗାରଖା କରିଥିବାରୁ ଉକ୍ତ ଜଙ୍ଗଲ ଜିଲାର ବୃହତ୍ ଜାମୁ ଜଙ୍ଗଲରେ ପରିଣତ ହୋଇଛି। ମୋଚି ମହାପାତ୍ର ଆଉ ନାହାନ୍ତି ସତ ହେଲେ ତାଙ୍କ ରକ୍ଷଣାବେକ୍ଷଣରେ ହୋଇଥିବା ଏହି ବୃହତ୍ ଜାମୁ ଜଙ୍ଗଲ ଆଜି ସବୁଦିନ ପାଇଁ ଅମର କରି ରଖିଛି। ସେହିପରି ଖାଲିଥିବା ଅନ୍ୟ ସ୍ଥାନରେ ଗ୍ରାମବାସୀ ଆମ୍ବ ଓ ଅନ୍ୟାନ୍ୟ ଜାତିର ଗଛ ଲଗାଇଛନ୍ତି। ଗ୍ରାମବାସୀଙ୍କ କହିବା କଥା ପୂର୍ବରୁ ରାତି ଅଧରେ ଶବ ଦାହ ପାଇଁ କାଠ ଖୋଜା ପଡୁଥିବାବେଳେ ଏହି ସମସ୍ୟା ଆଉ ଦେଖା ଯାଉ ନାହିଁ। ବର୍ତ୍ତମାନ ଜାମୁ ଜଙ୍ଗଲକୁ ବିପଦ ସାଜିଛି ନିକଟରେ ବହି ଯାଇଥିବା ଡାହୁକା ନଦୀ। ନଦୀ ବନ୍ଧ ଦୁର୍ବଳ ଯୋଗୁଁ କୂଳ ଖାଇ ଗଛଗୁଡ଼ିକ ନଷ୍ଟ ହୋଇଗଲାଣି। ପ୍ରଶାସନ ଜାମୁ ଜଙ୍ଗଲର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସରକାରଙ୍କ ତରଫରୁ ଜଙ୍ଗଲ ବ୍ୟାପୀ ରହିଥିବା ନଦୀ କୂଳରେ ପଥର ପ୍ୟାକିଂ କରାଗଲେ ମୃତ୍ତିକା ସଂରକ୍ଷଣ ହେବା ସହ ଗଛଗୁଡ଼ିକ ନଷ୍ଟ ହୁଅନ୍ତା ନାହିଁ। ସେହିଭଳି ସେଠାରେ ଜାମୁ ଗଛଗୁଡ଼ିକ ସୁରକ୍ଷା ଦିଆଯାଇ ମହୁଚାଷ କରାଗଲେ ଗ୍ରାମର ମହିଳାମାନେ ସ୍ୱାବଲମ୍ବୀ ହୋଇପାରନ୍ତେ। ପ୍ରଶାସନ ଦୃଷ୍ଟିଦେଇ ଅବକ୍ଷୟମୁଖୀ ହେବାକୁ ଯାଉଥିବା ବୃହତ୍ ଜାମୁ ଜଙ୍ଗଲର ସୁରକ୍ଷା କରିବା ଓ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ କୁହନ୍ତି ବନ ବିଭାଗକୁ ଜଣାଇବା ପରେ ବିଭାଗ ପକ୍ଷରୁ ଗଛର ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟ କରାଯାଇ ନ ଥିବା ସେ ପ୍ରକାଶ କରିଥିଲେ।

## ପୃଥକ୍ ଦୁର୍ଘଟଣା: ୨ ମୃତ, ୩ ଗୁରୁତର

**ନୟାଗଡ଼ ଅଫିସ,୧୩।୧୧**

ନୟାଗଡ଼ ଟାଉନ ଥାନା ଓ ଶରଣକୁଳ ଥାନା ଅଞ୍ଚଳରେ ବୁଧବାର ୨ ପୃଥକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଘଡୁଆଳ ଗ୍ରାମର ପ୍ରଦୀପ କୁମାର ଦାଶ (୫୨) ଓ ବଡ଼ପୁଟ ଗ୍ରାମର ନାରାୟଣ ଦୋରା।

ଟାଉନ ଥାନା ଅନ୍ତର୍ଗତ ଦୁର୍ଗାପ୍ରସାଦ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ପ୍ରଦୀପଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ସନ୍ଧ୍ୟା ୬ଟାରେ ଘଡୁଆଳ ଗ୍ରାମର ପ୍ରଦୀପ ତାଙ୍କ ମାଉସୀ ମିନତି ମିଶ୍ରଙ୍କୁ ଛାଡ଼ିବା ପାଇଁ ବାଇକ୍‌ରେ ସିନ୍ଦୂରିଆ ଗ୍ରାମକୁ ଯାଉଥିଲେ। ସେହିପରି ଫୁଲବାଣୀରୁ ଦେବାଶିଷ ମହାନ୍ତି ନାମକ ଜଣେ ବ୍ୟକ୍ତି ନିଜ ବାଇକ୍‌ରେ ଅନ୍ୟ ଜଣେ ଯୁବକଙ୍କୁ ବସାଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଦୁର୍ଗାପ୍ରସାଦ ଛକ ନିକଟରେ ବାଇକ୍ ଦୁଇଟି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ସେଠାରେ ଛିଟିକି ପଡ଼ିଥିଲେ। ପ୍ରଦୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଜଣ ଗୁରୁତରଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦେବାଶିଷ ଓ ଅନ୍ୟ ଜଣେ ଯୁବକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ମିନତିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ୨ଟିକୁ ଜବତ କରିଛି । ଏ ନେଇ ଥାନାରେ ୧୬୬/୧୯ରେ ଏକ ମାମଲା ରୁଜୁ କରାଯାଇଥିବା ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ଶରଣକୁଳ ଥାନା ଅନ୍ତର୍ଗତ ବଡ଼ପୁଟ ଛକଠାରେ ଏକ ଅଜଣା ଗାଡି ଧକ୍କାରେ ନାରାୟଣଙ୍କ ମୃତ୍ୟୁ ଘଟିଛି। ନାରାୟଣ ସାଇକେଲରେ ଯାଉଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ସାଇକେଲରେ ଗାଁ ଗାଁ ବୁଲି ଗଣ୍ଡା ସିଲେଇ କରି ଗୁଜୁରାଣ ମେଣ୍ଟାଉଥିଲେ। ନିଜ କାର୍ଯ୍ୟସାରି ସେ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

## ୧୭ରେ ଜିଲା ଭଲିବଲ୍ ଚୟନ

**ନୟାଗଡ଼ ଅଫିସ,୧୩।୧୧**

ନୟାଗଡ଼ ଜିଲା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆସନ୍ତା ୧୭ ତାରିଖରେ ଜିଲା ଭଲିବଲ୍ ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଇଟାମାଟି ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଚୟନ ପ୍ରକ୍ରିୟା କରାଯିବ। ଖେଳାଳିମାନେ ନିଜର ପ୍ରମାଣପତ୍ର ସହିତ ସକାଳ ୯ଟାରେ ଉପସ୍ଥିତ ରହିବାକୁ ଜିଲା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଅଶେଷ କୁମାର ଦାଶ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା




ମୁଖ୍ୟଅତିଥି ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ଗଣିଆ,୧୩।୧୧(ଡି.ଏନ୍.ଏ.)**

ସର୍ବଶିକ୍ଷା ଅଭିଯାନ ତରଫରୁ ଗଣିଆସ୍ଥିତ ବେଲପଡା ସରକାରୀ ମଧ୍ୟଇଂରାଜୀ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୮୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ଜିଲାପି ରେସ୍, ଶର୍ଟପୁଟ ଥ୍ରୋ, ୧୦୦ମିଟର ଦୌଡ, ଲମ୍ଫଡିଆଁ, ମ୍ୟୁଜିକ ଚେୟାର, ପେଣ୍ଟିଂ, ସଙ୍ଗୀତ ପରି ୨୭ଟି ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶନ୍ନ କୁମାର ଦାଶ ମୁଖ୍ୟଅତିଥି, ଏବିଇଓ ପ୍ରଶାନ୍ତ କୁମାର ସାହୁ, ରବୀନ୍ଦ୍ର କୁମାର ନାୟକ ଓ ବିଆର୍‌ସିସି ଅନାମିକା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଶିକ୍ଷା ସ୍ୱେଚ୍ଛାସେବୀ ଭରତ କୁମାର ସାହୁ, ପ୍ରମୋଦ କୁମାର ନାୟକ, ମୀନତିବାଳା ସାହୁ ଓ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷା ପରି କ୍ରୀଡା କ୍ଷେତ୍ରରେ ମଧ୍ୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ନିଜର ପାରଦର୍ଶିତା ପ୍ରତିପାଦନ କରି ଆତ୍ମବିଶ୍ୱାସ ବଢାଇପାରିବେ ବୋଲି ଅତିଥିମାନେ କହିଥିଲେ।

## ଘରୋଇ ମୋଟର କର୍ମଚାରୀ ସଂଘର ସ୍ମୃତିଚାରଣ ସଭା

**ଖଣ୍ଡପଡ଼ା,୧୩।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକର ନୀଳମାଧବ ଘରୋଇ ମୋଟର କର୍ମଚାରୀ ସଂଘ କଣ୍ଟିଲୋ ପକ୍ଷରୁ ସଂଘର ଜଣେ ଡ୍ରାଇଭର ରାଧାଶ୍ୟାମ ସାହୁଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଅଜୟ କୁମାର ସାହୁଙ୍କ ସମେତ ରାମଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ମଣ୍ଡଳ, ଦୁର୍ଯ୍ୟୋଧନ ମହାରଣା, କିଶୋର ଚନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ସାହୁ, ରଜତ ଦାସ, ଭୀମସେନ ପ୍ରଧାନ, ବାବୁଲି ଦଳେଇ, ସୁଶାନ୍ତ ନାୟକ, ପ୍ରଭାତ କୁମାର ସାହୁ, କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସଦସ୍ୟମାନଙ୍କୁ ସେ ସବୁବେଳେ ପ୍ରେରଣା ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ସଦସ୍ୟମାନେ ପ୍ରକାଶ କରିଥିଲେ। ପରେ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ଆମିଷ ବଜାର, ଡାହୁକା ଡ୍ୟାମ୍‌ରେ ଭିଡ଼



ଡାହୁକା ଡ୍ୟାମ୍‌ରେ ଲୋକମାନେ ମାଛ ଧରୁଛନ୍ତି।

**ନୟାଗଡ଼ ଅଫିସ,୧୩।୧୧**

ବୁଧବାର ଛାଡ଼ଖାଇରେ ଆମିଷ ବଜାରରେ ଭିଡ଼ ଦେଖିବାକୁ ମିଳିଥିଲା। ମାଛ ଓ ମାଂସ କିଣିବା ପାଇଁ ଦୋକାନ ଆଗରେ ସକାଳୁ ଲମ୍ବା ଲାଇନ୍ ଲାଗିଥିଲା। ସହରରେ ଥିବା ଚିଲିକା ଫ୍ରେସ୍ ବନ୍ଦ ହୋଇ ପଡ଼ିଥିବାରୁ ଲୋକମାନେ ଏଣେତେଣେ ରାସ୍ତାରେ ବସିଥିବା ବେପାରୀଙ୍କଠାରୁ ମାଛ କିଣୁଥିବାର ଦେଖିବାକୁ ମିଳିଥିଲା। ଫଳରେ ମନ ଇଚ୍ଛା ବ୍ୟବସାୟୀମାନେ ଚଡ଼ା ଦରରେ ଗ୍ରାହକଙ୍କୁ ମାଛ ବିକ୍ରି କରିଥିଲେ। ସହରବାସୀଙ୍କୁ ଚିଲିକା ମାଛ ଓ ଚିଙ୍ଗୁଡ଼ି ଯୋଗାଇ ଦେବା ପାଇଁ ଚିଲିକା ଫ୍ରେସ୍ ହୋଇଥିବାବେଳେ ଛାଡ଼ଖାଇ ଦିନ ଏହା ଖୋଲି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଛାଡ଼ଖାଇ ପାଇଁ ନୟାଗଡ଼ ବ୍ଲକ ବଡ଼ପଣ୍ଡୁସରଠାରେ ମାଛ ହାଟ ଦେଖିବାକୁ ମିଳିଥିଲା। ସେଠାରେ ମାଛ କିଣିବା ପାଇଁ ପ୍ରବଳ ଭିଡ଼ ଲାଗିଥିଲା।

### ଛାଡ଼ଖାଇରେ ଛାଡ଼

ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଡାହୁକା ଡ୍ୟାମରେ ବୁଧବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ମାଛ ଧରିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଯିଏ ଯେଉଁଠି ପାରିଲା ଡ୍ୟାମରେ ପଶି ଜାଲ ଓ ମଶାରି ପକାଇ ଡାହୁକା ନଦୀରୁ ମାଛ ଧରିନେଲା। ବର୍ଷର ଗୋଟିଏ ଦିନ ଛାଡ଼ଖାଇରେ ଡାହୁକା ଡ୍ୟାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସର୍ବସାଧାରଣ ମାଛ ଧରିବା ପାଇଁ ଛାଡ଼ ହୋଇଥାଏ। ଛାଡ଼ଖାଇରେ କୌଣସି କଟକଣା ନ ଥିବାରୁ ଡ୍ୟାମ ନିକଟସ୍ଥ ଖଣ୍ଡୁଗାଁ, ବାଲୁଗାଁ, ଲକ୍ଷ୍ମୀପ୍ରସାଦ, ଗଦାଧରପ୍ରସାଦ, କ୍ରିଦାଶପୁର ପ୍ରଭୃତି ୫ ପଞ୍ଚାୟତ ଅନ୍ତର୍ଗତ ୧୫ଗ୍ରାମର ଶତାଧିକ ଲୋକ ଏକତ୍ରିତ ହୋଇ ମାଛ ଧରୁଥିବା ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ଖୁବ୍ ଆନନ୍ଦ ଦାୟକ ଥିଲା।

## ଜିଲାସ୍ତରୀୟ ଉତ୍କର୍ଷ ପ୍ରତିଯୋଗିତା

**ନୂଆଗାଁ,୧୩।୧୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ରାମକୃଷ୍ଣ ଆଦର୍ଶ କେନ୍ଦ୍ରଠାରେ ମଙ୍ଗଳବାର ଜିଲାସ୍ତରୀୟ ଉତ୍କର୍ଷ (ସ୍ୱଦେଶ ପ୍ରେମ ଓ ଜାତୀୟ ସଂହତି) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁର୍ଦ୍ଧୁରା ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ନୟାଗଡ଼ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ମଧୁସୂଦନ ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ କବି ଯଦୁମଣି ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋକୁଳା ନନ୍ଦ ଚମ୍ପତି, ଇଂରାଜୀ ଅଧ୍ୟାପକ ଯୁଗଳ କିଶୋର ପରିଡା, ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଶ୍ରୀଧର ସାହୁ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୋନାଲି ସାହୁ ପ୍ରଥମ, ସୂର୍ଯ୍ୟସିଦ୍ଧାନ୍ତ ରଥ ଦ୍ୱିତୀୟ ଓ ଇନସିକା ରାଥୋର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ତରଫରୁ ଅର୍ଥରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୋନାଲି ସାହୁଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗୀ ଭାବେ ମନୋନୀତ କରାଯାଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

■ କୋସକା ଆୟୁର୍ବେଦିକ ଚିକିତ୍ସାଳୟ

## ସ୍ଥାୟୀ ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

**ଖଣ୍ଡପଡ଼ା,୧୩।୧୧ (ସ୍ୱ.ପ୍ର.)**



କୋସକା ଆୟୁର୍ବେଦିକ ଚିକିତ୍ସାଳୟ।

ଲୋକମାନଙ୍କୁ ଅଳ୍ପ ମୂଲ୍ୟରେ ପ୍ରାକୃତିକ ଉପଚାର ଓ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ୧୯୬୮ ମସିହାରୁ ଆୟୁର୍ବେଦିକ ଚିକିତ୍ସା ବ୍ୟବସ୍ଥା ଆରମ୍ଭ କରିଥିଲେ। ଏହି ବ୍ୟବସ୍ଥା ଅନୁଯାୟୀ ଖଣ୍ଡପଡା ବ୍ଲକ କୋସକାଠାରେ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲାଯାଇଛି। ହେଲେ ସ୍ଥାୟୀ ଡାକ୍ତର ଅଭାବରୁ ଏଠାରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇପଡିଛି।

ନୟାଗଡ଼ ଜିଲାର ୮ ବ୍ଲକ ମଧ୍ୟରୁ ଖଣ୍ଡପଡା ବ୍ଲକର କାଦୁଆ ଜଗନ୍ନାଥ ପ୍ରସାଦ, ସିଧାମୂଳା ଓ କୋସକାରେ ୩ଟି ଆୟୁର୍ବେଦିକ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଛି। ଏଥିମଧ୍ୟରୁ ଅନେକ ସ୍ଥାନରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ନାମକୁମାତ୍ର ଚାଲିଛି। କେଉଁଠି ଡାକ୍ତର ପଦବୀ ଖାଲି ପଡ଼ିଛି ତ କେଉଁଠି ଡାକ୍ତର ଥାଇ ମଧ୍ୟ ମାସ ମାସ ଧରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁ ନ ଥିବା ଅଭିଯୋଗ ହେଉଛି। କୋସକା ଆୟୁର୍ବେଦିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଡୋଲମରା, କୁମ୍ଭାରପଡା ଓ କୋସକା ପଞ୍ଚାୟତ ଅଧୀନ ରତାଖଣ୍ଡୀ, ଗୁଡିଆବାରୀ, ଆମ୍ବଅଠା, କୁସୁମଡା, ଲୁହାରଖଣି, ମୁଡକାବାଦ, ସାପୁଆ, ରାଇମ୍ବା ଆଦି ଗ୍ରାମର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ୨୦୦୮ ମସିହାରୁ ଏଠାରେ ସ୍ଥାୟୀ ଭାବେ କୌଣସି ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ନୟାଗଡ଼ ଜିଲାର ବାଲୁଗାଁ ଆୟୁର୍ବେଦିକ ଚିକିତ୍ସାଳୟରେ ନିଯୁକ୍ତି ପାଇଥିବା ଡା. ସୁମିତ୍ରା ବିଶ୍ୱାଳ ଏବେ କୋସକା ଆୟୁର୍ବେଦିକ ଚିକିତ୍ସାଳୟର ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ସପ୍ତାହର ବୁଧବାର ଓ ଶନିବାର ୨ଦିନ ସେ ଏଠାକୁ ଆସୁଥିବା ବେଳେ ନିୟମିତ ଆସୁ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରୋଗୀମାନଙ୍କ ଆସ୍ଥା ତୁଟି ଯାଉଛି। ସରକାର ନିରାମୟ ଯୋଜନାରେ ପର୍ଯ୍ୟାପ୍ତ ପରିମାଣର ଆୟୁର୍ବେଦିକ ଔଷଧ ଉକ୍ତ ଚିକିତ୍ସାଳୟକୁ ଯୋଗାଇ ଦେଉଛନ୍ତି। ମାତ୍ର ଡାକ୍ତରଙ୍କ ଅଭାବରୁ ରୋଗୀମାନେ ଆବଶ୍ୟକ ପରାମର୍ଶ ଓ ଔଷଧ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏଠାରେ ଥିବା ଜଣେ ଆୟୁର୍ବେଦିକ ସହାୟକଙ୍କ ଦ୍ୱାରା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ହେଉଥିବା ବେଳେ ଆବଶ୍ୟକ ସ୍ଥଳେ ସେ ରୋଗୀମାନଙ୍କୁ ଔଷଧ ଦେଇଥାନ୍ତି ବୋଲି ଗ୍ରାମବାସୀଙ୍କଠାରୁ ଜଣାପଡିଛି। ଅଞ୍ଚଳବାସୀ ଓ ଆଞ୍ଚଳିକ ଯୁବଛାତ୍ର ସଂଗଠନର ସଦସ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ହେଁ ସୁଫଳ ମିଳି ନ ଥିବା ଅନୁଷ୍ଠାନର ସାମାଜିକ କର୍ମୀ କୈଳାସ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ଏହି ଚିକିତ୍ସାଳୟରେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।